ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 45 | 10 - 16 November 2024 | Sambalpur | Pages- 8 | Invitation Price Rs.10

# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଅବିଳମ୍ବେ ସରକାର ସୁପାରିଶ୍ କରନ୍ତୁ: ଭବାନୀ ହୋତା

ସମ୍ବଲପୁର : ଯଶୱନ୍ତ ସିଂ କମିଶନଙ୍କ ମାର୍ଗଦର୍ଶିକା ଆଧାରରେ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଅବିଳମ୍ବେ ଉପଯୁକ୍ତ ସ୍ତରରେ ବିଚାର ବିମର୍ଶ ପୂର୍ବକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରି କେନ୍ଦ୍ର ସରକାରଙ୍କୁ ସୁପାରିଶ୍ କରିବାକୁ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଦାବି କରିଛନ୍ତି ।



ଶ୍ରୀ ହୋତା ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଏବଂ ସ୍ଥାନ ନିରୂପଣ ଏକ ଜଟିଳ ସମସ୍ୟା ନୁହେଁ । ତେବେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହାକୁ ଜଟିଳ ବୋଲି ଚିତ୍ରଣ କରାଯାଉଛି । ସେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଓଡ଼ିଶା ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଦାବି ହୋଇ ଆସୁଛି । ବିଶେଷ କରି ସମ୍ବଲପୁରରେ ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ଏହା ଗଣ ଆନ୍ଦୋଳନର ରୂପ ନେଇଛି । ବିଭିନ୍ନ ସାମାଜିକ ସଂସ୍ଥା, ବୁଦ୍ଧିଜୀବି, ସର୍ବସାଧାରଣ ତଥା ଓକିଲମାନେ ଲଗାତାର ଭାବେ ଏହି ଦାବି କରି ଆସୁଛନ୍ତି । ୨୦୧୩ ମସିହାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏ ସଂକ୍ରାନ୍ତରେ ନିଜର ମତାମତ ଦେବା ପାଇଁ ପତ୍ର ଲେଖିଥିଲେ ସୁଦ୍ଧା ଆଶ୍ଚର୍ଯ୍ୟଜନକ ଓ ଦୁର୍ଭାଗ୍ୟଜନକ ଭାବରେ ଦୀର୍ଘ ୧୧ ବର୍ଷ ହେଲା ଓଡ଼ିଶା ହାଇକୋର୍ଟ ସଂପୂର୍ଣ୍ଣ ଭାବେ ନିରବତା ଅବଲମ୍ବନ କରି ଆସୁଛନ୍ତି । ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେବା ଫଳରେ ହାଇକୋର୍ଟରେ ଅନେକ ମୋକଦ୍ଦମା ଫଏଶଲା ହୋଇ ନ ପାରି ପଡି ରହୁଛି । ଗତ ୫ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟରେ ୧ ଲକ୍ଷ ୪୩ ହଜାର ୯୬୨ ଟି ମୋକଦ୍ଦମା ଅମୀମାଂସିତ ହୋଇ ପଡି ରହିଛି । ଯଦି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପତ୍ରର ଉତ୍ତର ଦୀର୍ଘ ୧୧ ବର୍ଷ ହେଲା ଦିଆଯାଇ ପାରୁ ନାହିଁ ତା'ହେଲେ ସାଧାରଣ ମୋକଦ୍ଦମା ଗୁଡିକର ଅବସ୍ଥା କ'ଣ ହେଉଥିବ ତାହା ସହଜରେ ଅନୁମେୟ ବୋଲି ଶ୍ରୀ ହୋତା କହିଥିଲେ ।

ସେ ପୁଣି କହିଥିଲେ ଯେ, ଭର୍ଚୁଆଲ ଶୁଣାଣୀ ସମ୍ଭବ ହୋଇ ପାରୁଥିବାରୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର କୌଣସି ଆବଶ୍ୟକତା ନାହିଁ ବୋଲି ଯୁକ୍ତି ଦିଆଯାଉଛି । ତେବେ ଅନେକ କାରଣରୁ ଏଭଳି ଯୁକ୍ତି ଗ୍ରହଣୀୟ ନୁହେଁ । ସୁପ୍ରିମକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣ ଗାଭାଇ ଗତ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ମହାରାଷ୍ଟ୍ରରେ ଚତୁର୍ଥ ସ୍ଥାୟୀ ବେଞ୍ଚର ଆବଶ୍ୟକତା ରହିଥିବା ଏବଂ ଏହା ମହାରାଷ୍ଟ୍ରର କୋହ୍ଲାପୁରରେ ପ୍ରତିଷ୍ଠା ହେବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ । ମହାରାଷ୍ଟ୍ରରେ ବମ୍ବେ ବ୍ୟତୀତ ନାଗପୁର, ଓରଙ୍ଗାବାଦ ଓ ଗୋଆରେ ତିନୋଟି ସ୍ଥାୟୀ ବେଞ୍ଚ ରହିଛି । କର୍ଣ୍ଣାଟକ ରାଜ୍ୟରେ ୨୦୧୩ ମସିହାରେ ବାଙ୍ଗାଲୋର ବ୍ୟତୀତ ଧରୱାଡ ଓ ଗୁଲବର୍ଗରେ ଏକା ସାଙ୍ଗରେ ଦୁଇଟି ବ୍ୟାଞ୍ଚ ସ୍ଥାପିତ ହୋଇଥିଲା । ଯଦି ସୁପ୍ରିମକୋର୍ଟର ଜଣେ ବିଚାରପତି ଗୋଟିଏ ରାଜ୍ୟର ଆବଶ୍ୟକତା ଦୃଷ୍ଟିରୁ ତିନିରୁ ଅଧିକ ସ୍ଥାୟୀ ବ୍ୟାଞ୍ଚ ପ୍ରତିଷ୍ଠା ପାଇଁ ଯୁକ୍ତି ବାଢୁଛନ୍ତି ତେବେ ଓଡ଼ିଶାରେ ମଧ ହାଇକୋର୍ଟର ସ୍ଥାୟୀ ବେଞ୍ଚ କାହିଁକି ହେବ ନାହିଁ ବୋଲି ଶ୍ରୀ ହୋତା କହିଛନ୍ତି । ଏହାଛଡ଼ା ଆଇନ ପାଠ୍ୟକ୍ରମର ଗୁଣବତ୍ତା ବୃଦ୍ଧିକରି ଉପଯୁକ୍ତ ଭାବରେ ଏଡଭୋକେଟ ମାନଙ୍କ ଜ୍ଞାନ କୌଶଳକୁ ବୃଦ୍ଧି କରିବାରେ ସହାୟକ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଠାରେ ଏଡଭୋକେଟ୍ ଏକାଡେମି ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ହୋତା ଦାବି କରିଛନ୍ତି । ଏଥିପାଇଁ ସମ୍ବଲପୁରରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି ଏବଂ ଏହା ଜ୍ଞାନ କୌଶଳର ବିକେନ୍ଦ୍ରୀ କରଣରେ ସହାୟକ ହେବ ବୋଲି ସେ କହିଛନ୍ତି ।

# ଦେଶର ପ୍ରଭାବଶାଳୀ ଅମଲା ତାଲିକାରେ ଡକ୍ଟର ପ୍ରମୋଦ କୁମାର ମିଶ୍ର ପ୍ରଥମ



ସମ୍ବଲପୁର : ଦେଶର ଅମଲାତନ୍ତ୍ରର ପ୍ରଭାବଶାଳୀ ଅମଲାଙ୍କ ତାଲିକାର ପ୍ରଥମ ସ୍ଥାନରେ ସମ୍ବଲପୁରର ପୁଅ ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ରହିଛନ୍ତି । ଦେଶର ପ୍ରମୁଖ ମର୍ଯ୍ୟାଦାଜନକ ପତ୍ରିକା 'ଇଣ୍ଡିଆ ଟୁଡେ'ର ଚଳିତ ସଂଖ୍ୟାର ସ୍ୱତନ୍ତ୍ର ସଂସ୍କରଣରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରଭାବଶାଳୀ ଓ କ୍ଷମତାଶାଳୀ ବ୍ୟକ୍ତିତ୍ୱଙ୍କ ସୂଚୀ ଜାରି କରାଯାଇଛି । ହାଇ ଆଣ୍ଡ ମାଇଟି (ଦି ଅଲଟିମେଟ ପାୱାର ଲିଷ୍ଟ ୨୦୨୪) ନାମରେ ପ୍ରକାଶିତ ସ୍ୱତନ୍ତ୍ର ସଂସ୍କରଣର 'ଦି କାଇଟ ଇମ୍ପ୍ଲିମେଣ୍ଟର' ନାମକ ଶୀର୍ଷକରେ ଲେଖାଯାଇଛି ଯେ, ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବୁଠାରୁ ବିଶ୍ୱସ୍ତ ଅମଲା । ଘଣ୍ଟାର କଣ୍ଟା ଭଳି ନିରନ୍ତର କାର୍ଯ୍ୟ କରି ଶାସନ କଳର ଏକ ଯୁଗକୁ ସେ ଘୂରାଇ ଚାଲିଛନ୍ତି । ନିର୍ମଳ ଭାବମୂର୍ତ୍ତି, କମ୍ କଥା କହୁଥିବା ବ୍ୟକ୍ତିତ୍ୱର ଅଧିକାରୀ ଡକ୍ଟର ମିଶ୍ର ସମଗ୍ର ବିଷୟରେ ତାଙ୍କର ନଜର ଥାଏ । ତାଙ୍କର ସରକାରଙ୍କ ଲାଗି ୨୪ ଘଣ୍ଟିଆ ଉପଲବ୍ଧତା ହିଁ ତାଙ୍କୁ ଅପରିହାର୍ଯ୍ୟ କରି ରଖୁଛି । ନୀତିଗତ କାଗଜପତ୍ର ଓ କ୍ୟାବିନେଟର ନୋଟଗୁଡ଼ିକୁ ତ୍ରୁଟିଶୂନ୍ୟ କରିବାରେ ତାଙ୍କର ବିଶେଷ ଭୂମିକା ରହିଥିବା କୁହାଯାଇଛି । କାରଣ ତାଙ୍କ ଟେବୁଲ ଦେଇ ନିଯୁକ୍ତି କମିଟି ସଂକ୍ରାନ୍ତ ସମସ୍ତ ଫାଇଲଗୁଡ଼ିକ ଯାଉଥିବାରୁ ଅମଲାତନ୍ତ୍ର କିମ୍ବା କୁଟନୈତିକ ପୋଷ୍ଟିଂ ପାଇଁ ସମସ୍ତ ତାଲିକାଗୁଡ଼ିକୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପହଞ୍ଚାଇବା ପୂର୍ବରୁ ତାଙ୍କର ନୀଳ ପେନସିଲରୁ ଅନ୍ତିମ ସ୍ପର୍ଶ ପାଇଥାଏ । ଲବି ଓ ଅଯଥା ପ୍ରଭାବରୁ ନିଯୁକ୍ତିକୁ ମୁକ୍ତ କରିବା ପାଇଁ ଡକ୍ଟର ମିଶ୍ର ନିଯୁକ୍ତି ୩୬୦ ଡିଗ୍ରୀ ମୂଲ୍ୟାଙ୍କନ ବ୍ୟବସ୍ଥା ଆରମ୍ଭ କରିଛନ୍ତି ବୋଲି ପତ୍ରିକା ପକ୍ଷରୁ ଉଲ୍ଲେଖ କରାଯାଇଛି । ଏହି ସଂସ୍କରଣରେ ରାଜନୈତିକ ତାଲିକାରେ ପ୍ରଧାନମନ୍ତ୍ରୀ- ନରେନ୍ଦ୍ର ମୋଦୀ, ବ୍ୟବସାୟିକ ତାଲିକାରେ ମୁକେଶ ଅମ୍ବାନୀ ପ୍ରଥମ ଆଇକନ ତାଲିକାରେ ଅମିତାଭ ବଚ୍ଚନ ପ୍ରଥମ ସ୍ଥାନରେ ରହିଥିବା ବେଳେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ପ୍ରଭାବଶାଳୀ ଅମଲା ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଭୟ ପ୍ରମୋଦ ଓ ଶକ୍ତିକାନ୍ତ ଦୁଇ ଓଡ଼ିଆ ଅଧିକାରୀ ।




# ଡକ୍ଟର ପି.କେ ମିଶ୍ରଙ୍କ ନେତୃତ୍ୱରେ ଜି-୨୦ ଡିଆରଆରଡବ୍ଲ୍ୟୁଜି ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେଲେ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ

ନୂଆଦିଲ୍ଲୀ : ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଉପରେ ଭାରତ ଗୁରୁତ୍ୱାରୋପ କରିଛି । ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ବ୍ରାଜିଲର ବେଲେମ୍ ଠାରେ ହୋଇଥିବା ଜି- ୨୦ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ (ଡିଆରଆରଡବ୍ଲ୍ୟୁଜି) ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶ ଗ୍ରହଣ କରିଛନ୍ତି । ଭାରତୀୟ ପ୍ରତିନିଧି ଦଳର ସକ୍ରିୟ ଅଂଶଗ୍ରହଣ ସହିତ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ପ୍ରଥମ 'ମନ୍ତ୍ରୀସ୍ତରୀୟ ଘୋଷଣାନାମାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସହମତି ପ୍ରକାଶ ପାଇଛି । ବିଭିନ୍ନ ମନ୍ତ୍ରୀସ୍ତରୀୟ ଅଧିବେଶନରେ ଡକ୍ଟର ପି. କେ. ମିଶ୍ର ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଏବଂ ଭାରତରେ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଅର୍ଥ ଯୋଗାଣକୁ ବୃଦ୍ଧି କରିବା ପାଇଁ ଅର୍ଥ ଯୋଗାଣକୁ ବୃଦ୍ଧି କରିବା ଦିଗରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ଅଗ୍ରଗତି ବିଷୟରେ ବର୍ଣ୍ଣନା କରିଥିଲେ ।



ଜି- ୨୦ର ଭାରତୀୟ ଅଧକ୍ଷତା ସମୟରେ ନିର୍ଦ୍ଧାରିତ ହୋଇଥିବା ଡିଆରଆରଡବ୍ଲ୍ୟୁଜିର ପାଞ୍ଚଟି ପ୍ରାଥମିକତା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ଡିଆରଆର ଫାଇନାନ୍ସି, ପ୍ରତିରୋଧୀ ଭିତ୍ତିଭୂମି ଏବଂ ପ୍ରକୃତି ଭିତ୍ତିକ ସମାଧାନ ସମ୍ପର୍କରେ ମଧ ସେ ସୂଚନା ଦେଇଥିଲେ । ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି କ୍ଷେତ୍ରରେ ସେ ପ୍ରଧାନମନ୍ତ୍ରୀଙ୍କ ବିପର୍ଯ୍ୟୟ ମୁକାବିଲା ପାଇଁ ମିଳିତ ଭିତ୍ତିଭୂମି (ସିଡିଆରଆଇ) ର ବିଶ୍ୱସ୍ତରୀୟ ପଦକ୍ଷେପକୁ ସାମିଲ କରିଥିଲେ, ଯେଉଁଥିରେ ବର୍ତ୍ତମାନ ୪୦ଟି ଦେଶ ଏବଂ ୭ଟି ଅନ୍ତର୍ଜାତୀୟ ସଂଗଠନ ସଦସ୍ୟ ଅଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସେଣ୍ଡାଇ ଫ୍ରେମୱାର୍କ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ବିଶ୍ୱସ୍ତରରେ ବିପର୍ଯ୍ୟୟ ମୁକାବିଲା ବୃଦ୍ଧି ପାଇଁ ଜ୍ଞାନ ଆଦାନ ପ୍ରଦାନ, ପ୍ରଯୁକ୍ତି ଦେଣନେଣ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ । ଭାରତୀୟ ପ୍ରତିନିଧି ଦଳ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ମନ୍ତ୍ରୀଙ୍କ ସହ ଟ୍ରୋଇକା ବୈଠକରେ ଅଂଶଗ୍ରହଣ କରିଥିଲେ । ଆୟୋଜକ ଦେଶ ବ୍ରାଜିଲ ଏବଂ ଜାପାନ, ନରୱେ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ଜର୍ମାନୀ ଏବଂ ନିମନ୍ତ୍ରିତ ଆନ୍ତର୍ଜାତୀୟ ସଂଗଠନର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ ।

ଅତ୍ୟଧିକ ଉତ୍ତାପ ଉପରେ ୟୁଏନଏସଜିର ଆହ୍ୱାନରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ମିଶ୍ର ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପାରମ୍ପରିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେବା ସହ ନିଆଯାଉଥିବା ଅଭିଜ୍ଞତା ଏବଂ ପଦକ୍ଷେପ ବିଷୟରେ ଜଣାଇଥିଲେ । ୨୦୨୩ ମସିହାରେ ଜି-୨୦ ର ଅଧକ୍ଷତା ସମୟରେ ଭାରତର ଉଦ୍ୟମରେ ପ୍ରଥମ ଡି.ଆର.ଆର. ଡବ୍ଲ୍ୟୁ.ଜି ପ୍ରତିଷ୍ଠା କରାଯାଇଥିଲା । ଡକ୍ଟର ମିଶ୍ର ଡିଆରଆରଡବ୍ଲ୍ୟୁଜିକୁ ଜାରି ରଖିବା ଏବଂ ମନ୍ତ୍ରୀ ସ୍ତରକୁ ବୃଦ୍ଧି କରିବା ପାଇଁ ବ୍ରାଜିଲ ପ୍ରେସିଡେନସିକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଆସନ୍ତା ବର୍ଷ ହେବାକୁ ଥିବା ଜି.୨୦ ଅଧକ୍ଷତାରେ ଡିଆର-ଆରଡବ୍ଲ୍ୟୁଜି ଉପରେ ଦକ୍ଷିଣ ଆଫ୍ରିକା ପ୍ରତି ଭାରତର ସମର୍ଥନକୁ ଦୋହରାଇଥିଲେ ।

## ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟ ପକ୍ଷେ ଗୁଡ଼


ହଜମକ୍ରିୟାକୁ ସକ୍ରିୟ କରେ ଖଜୁରୀ


ଦେହ ପାଇଁ ତେଜପତ୍ର


ମହୁର ଚମତ୍କାରୀତା


ସ୍ୱାସ୍ଥ୍ୟ ପାଇଁ ଭଲ ଭେଣ୍ଡି


ଅମୃତଭଣ୍ଡାର ଉପକାରିତା

## ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ




ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟର ଡ୍ରପ ଆଉଟ୍ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା ଉଦ୍ଦେଶ୍ୟରେ ଏକ ବ୍ଲକସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧନକଉଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ସ୍ୱତନ୍ତ୍ର ଅତିଥି, ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଶିକ୍ଷକ ଅସିମ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା, ଧନକଉଡ଼ା ବ୍ଲକ ଗୋଷ୍ଠୀ ସଂସାଧନ ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୯୩ଜଣ ଡ୍ରପ ଆଉଟ୍ ଛାତ୍ରୀଛାତ୍ର ଓ ସେମାନଙ୍କର ମାତାପିତା ଉପସ୍ଥିତ ଥିଲେ । ଆଗାମୀ ଦିନରେ ସେମାନଙ୍କ ଝିଅପୁଅ ଯେପରି ପ୍ରତିଦିନ ବିଦ୍ୟାଳୟକୁ ଆସି ପାଠ ପଢ଼ିବେ, ସେଥିପାଇଁ ଅଭିଭାବକ ମାନେ ସଂକଳ୍ପବଦ୍ଧ ହୋଇଥିଲେ ।

## ରକ୍ତଦାନ ଶିବିର, ୭୩ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର: ଗୋବିନ୍ଦତୋଲା ସୋର୍ଟିଂ ୟୁନିୟନ କ୍ଲବ ଓ ଲାୟନ୍ସ କ୍ଲବ ମିଳିତ ଆନୁକୁଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ୭୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିର ଉଦ୍‌ଘାଟନ କରିଥିଲେ । ସ୍ପୋର୍ଟିଂ ୟୁନିୟନ କ୍ଲବ ସଭାପତି ବିକାଶ ମିଶ୍ର, ଉପସଭାପତି ଭାଗିରଥୀ ସିଂଦେଓ, ସମ୍ପାଦକ ସଞ୍ଜିବ କୁମାର ନାୟକ, ଉପଦେଷ୍ଟା ପ୍ରଦୀପ ପାଢ଼ୀ, ଲାୟନ୍ସ କ୍ଲବ ସଭାପତି ନାରାୟଣ ଅଗ୍ରୱାଲ, ଚେୟାରମ୍ୟାନ ସିଦ୍ଧେଶ ଅଗ୍ରୱାଲ, କ୍ଲବର ପୂର୍ବତନ ଗଭର୍ଣ୍ଣର ଦେବେନ୍ଦ୍ର କୁମାର ଲାଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା ।




## କୁମୁଦିନୀ ଶତପଥୀଙ୍କ ପରଲୋକ

ବରଗଡ଼ : ଭେଡେନର ସ୍ୱର୍ଗତ ଡାକ୍ତର ଅକ୍ରୁର ଚରଣ ଶତପଥୀଙ୍କ ଧର୍ମପତ୍ନୀ କୁମୁଦିନୀ ଶତପଥୀ (୭୦)ଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ । ତାଙ୍କର ଚାରିପୁଅ ଡାକ୍ତର ବିଭୁତି ଭୂଷଣ ଶତପଥୀ, ଭାରତ ଭୂଷଣ ଶତପଥୀ, ଜଗତ ଭୂଷଣ ଶତପଥୀ, ଆଦିତ୍ୟ ଭୂଷଣ ଶତପଥୀ ଓ ଝିଅ ପୁଷ୍ପାଞ୍ଜଳି ଶତପଥୀଙ୍କ ସମେତ ପୁତ୍ରବଧୂ, ନତିନାତୁଣୀ ଉପସ୍ଥିତ ଥିଲେ । ପରେ ଏକ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ଭେଡେନ ନିକଟସ୍ଥ ଦନ୍ତାନଦୀ ଶ୍ମଶାନ ଘାଟକୁ ନିଆଯାଇ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା । ବଡ଼ପୁଅ ଡାକ୍ତର ବିଭୁତି ଭୂଷଣ ଶତପଥୀ ମୁଖାଗ୍ନି ଦେଇଥିଲେ ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ବରଗଡ଼ : ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ସମସ୍ତ ବୈଷୟିକ ସୁବିଧା ଥିବା ନିଜସ୍ୱ ସ୍ଥାୟୀ ନୂତନ ଜୋନାଲ୍ କାର୍ଯ୍ୟାଳୟ ଏବଂ ବରଗଡ଼ (ପଶ୍ଚିମ) ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ କରକମଳରେ ଶୁଭ ଉଦଘାଟିତ ହୋଇଯାଇଛି । ଏହା ପୂର୍ବରୁ ଟିପିଡବ୍ଲ୍ୟୁଓଡିଏଲ୍‌ର ନିଜସ୍ୱ ସ୍ଥାୟୀ ଅଫିସ୍ କୋଠା ନଥିବାରୁ ଅନେକ ସମୟରେ ଠିକଣା ପରିବର୍ତ୍ତନ ଯୋଗୁଁ ଉପଭୋକ୍ତା ମାନଙ୍କୁ କାର୍ଯ୍ୟାଳୟ ଖୋଜିବାରେ ଅନେକ ଅସୁବିଧା ହେଉଥିଲା । ମାତ୍ର ଏହି ନୂତନ ଏବଂ ସ୍ଥାୟୀ କାର୍ଯ୍ୟାଳୟ ଯୋଗୁଁ ଉପଭୋକ୍ତାଙ୍କୁ ଆଉ ବିଦ୍ୟୁତ୍ କାର୍ଯ୍ୟାଳୟର ଠିକଣା ପରିବର୍ତ୍ତନର ଚିନ୍ତା ରହିବ ନାହିଁ । ଏହି ଉଦଘାଟନୀ ଅବସରରେ କମ୍ପାନୀର ସମସ୍ତ ବିରଷ୍ଠ ଅଧିକାରୀ ତଥା ବରଗଡ଼ ବିଦ୍ୟୁତ୍ ମଣ୍ଡଳର ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଅସୁରମାନଙ୍କ ଦୃଷ୍ଟିରେ ଜୀବନ

**ଆ**ସୁରୀ ପ୍ରକୃତି ବିଶିଷ୍ଟ ମନୁଷ୍ୟ ଜାଣନ୍ତି ନାହିଁ ଯେ ସେମାନଙ୍କୁ କେଉଁ କର୍ମରେ ପ୍ରବୃତ୍ତ ହେବା ଉଚିତ ଏବଂ କେଉଁ କର୍ମରୁ ନିବୃତ୍ତ ରହିବା ଉଚିତ, କାରଣ ତାଙ୍କ ପାଖରେ ନା ଶୁଚିତା, ନା ଶ୍ରେଷ୍ଠ ଆଚରଣ ନା ସତ୍ୟପାଳନର ଭାବନା ଥାଏ । ମନୁଷ୍ୟ ସେହି କର୍ମରେ ପ୍ରବୃତ୍ତ ହେବା ଉଚିତ, ଯାହାର ଆଚରଣ ଓ ଅନୁଶୀଳନ ଦ୍ୱାରା ସ୍ୱୟଂର ପରିମାର୍ଜନର ଅଥବା ସୃଷ୍ଟିର କଲ୍ୟାଣର ସମ୍ଭାବନା ବଳବତୀ ହୋଇଥାଏ । ଏହାର ବିପରୀତ ଯେଉଁ କାର୍ଯ୍ୟର ଆଚରଣ ଦ୍ୱାରା ସ୍ୱୟଂର ତଥା ସୃଷ୍ଟିର ଅକଲ୍ୟାଣ ହୋଇଥାଏ, ସେହି କର୍ମ ନିବୃତ୍ତି ଯୋଗ୍ୟ ହୋଇଥାଏ । ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତି ଏପରି କରିପାରିବାରେ ଏଥିପାଇଁ ଅସମର୍ଥ ହୋଇଥାନ୍ତି, କାରଣ ସେମାନଙ୍କ ପାଖରେ ଶୁଚିତା ଅର୍ଥାତ୍ ବାହ୍ୟ ଏବଂ ଆନ୍ତରିକ ଶୁଦ୍ଧି, ଶ୍ରେଷ୍ଠ ଆଚରଣ ତଥା ସତ୍ୟପାଳନ କରିବାର ଭାବ ରହି ନ ଥାଏ ।

ଆସୁରୀ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ସେହି କର୍ମରେ ପ୍ରବୃତ୍ତ ହୁଅନ୍ତି, ଯାହାକୁ କରିବା ଦ୍ୱାରା ସେମାନଙ୍କୁ ସୁଖ ମିଳିବା ଦେଖାଯାଏ ଏବଂ ଯେଉଁ କର୍ମ କରିବା ଦ୍ୱାରା ସେମାନଙ୍କୁ ନିଜର ସ୍ୱାର୍ଥସିଦ୍ଧି ହେବା ଦେଖାଯାଏ ନାହିଁ– ସେହି କର୍ମରୁ ତାଙ୍କର ନିବୃତ୍ତ ହୋଇଥାଏ ଅର୍ଥାତ୍ ଏପରି କର୍ମ କରିବାରୁ ସେମାନେ ଦୂରେଇ ରହିଥାନ୍ତି । ସ୍ୱାଭାବିକ ରୂପେ ଯାହା ପାଇଁ କେବଳ ନିଜର ସ୍ୱାର୍ଥ, ନିଜର ଅହଙ୍କାର ଏବଂ ନିଜର ଭୋଗ-ବିଳାସ ମୁଖ୍ୟ ହୋଇଥାଏ । ତାଙ୍କ ପାଇଁ ଧର୍ମ, ନ୍ୟାୟ, ନୀତି, ସଦାଚାର, ପରୋପକାର ପରି ବିଷୟ ଗୌଣ ହୋଇଯାଏ । ଯେହେତୁ ଆସୁରିକ ବୃତ୍ତି ଯୁକ୍ତ ମନୁଷ୍ୟ ପ୍ରବୃତ୍ତି ଏବଂ ନିବୃତ୍ତି ଅର୍ଥାତ୍ କ'ଣ କରିବ ଓ କ'ଣ ନ କରିବ ଏହି ଉଭୟକୁ ଜାଣେ ନାହିଁ, ସେଥି ପାଇଁ ତା' ପାଖରେ ନା ତ ବାହ୍ୟ ଓ ଆନ୍ତରିକ ଶୁଦ୍ଧି ଥାଏ, ନା ସେ ଏପରି ଆଚରଣ କରିପାରେ, ଯାହାକୁ ଶ୍ରେଷ୍ଠ ବା ପବିତ୍ର କୁହାଯାଇ ପାରିବ ଏବଂ ଏହା ସହିତ ସେ ନିଷ୍କପଟ, ହିତକର, ସତ୍ୟଭାଷଣ ଏବଂ ସତ୍ୟପାଳନ ଠାରୁ ମଧ ପୂର୍ଣ୍ଣ ରୂପେ ବିମୁଖ ହୋଇଥାଏ ।

ଜଗତ ଆଶ୍ରୟରହିତ, ସର୍ବଥା ଅସତ୍ୟ, ଈଶ୍ୱରଙ୍କ ବିନା, ଆପେ ଆପେ କେବଳ ସ୍ତ୍ରୀ-ପୁରୁଷଙ୍କ ସଂଯୋଗରୁ ଉତ୍ପନ୍ନ ହୋଇଛି, ତେଣୁ କେବଳ କାମ ହିଁ ଏହାର କାରଣ । ଏହା ବ୍ୟତୀତ ଏହି ସଂସାର ହେବାର ଅନ୍ୟ କ'ଣ କାରଣ ହୋଇପାରେ ? ଆସୁରୀ ବୃଦ୍ଧି ସମ୍ପନ୍ନ ମନୁଷ୍ୟର ଲକ୍ଷଣର ପରିଭାଷା ବୁଝାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଏହି ସ୍ୱଭାବ ଯୁକ୍ତ ବ୍ୟକ୍ତି ପ୍ରବୃତ୍ତି-ନିବୃତ୍ତିର ଭେଦକୁ ଜାଣନ୍ତି ନାହିଁ, ଏହା ସହିତ ସେମାନେ ଏହା କହିଥାନ୍ତି ଓ ମାନିଥାନ୍ତି ଯେ ଏହି ଚରାଚର ଜଗତର ଅର୍ଥାତ୍ ସଂସାରର ତ ଧର୍ମ-ଅଧର୍ମ ରୂପରେ କୌଣସି ପ୍ରକାର ଆଧାର ଓ ଆଶ୍ରୟ ନାହିଁ ଏବଂ ଯେତେବେଳେ କୌଣସି ପ୍ରକାର ଆଶ୍ରୟ ନାହିଁ ସେତେବେଳେ ଈଶ୍ୱରଙ୍କର ଅସ୍ତିତ୍ୱ ହିଁ ସନ୍ଦିଗ୍ଧ ହୋଇଯାଏ ତଥା ଏହି ଜଗତର କୌଣସି ରଚୟିତା, ଶାସକ ଏବଂ ନିୟାମକ ମଧ ନାହାନ୍ତି ।

ତାଙ୍କ ଅନୁସାରେ ଏହି ଜଗତ କୌଣସି ଈଶ୍ୱରଙ୍କ ବିନା କେବଳ ସ୍ତ୍ରୀ-ପୁରୁଷଙ୍କ ପରସ୍ପର କାମବଶତଃ ସଂଯୋଗ କାରଣରୁ ଉତ୍ପନ୍ନ ହୋଇଛି, ତେଣୁ କାମ ହିଁ ଏହାର ଅସ୍ତିତ୍ୱର ଏକମାତ୍ର କାରଣ ଅଟେ- ଏହା ବ୍ୟତୀତ ଏହାର ଅନ୍ୟ କୌଣସି ପ୍ରୟୋଜନ ନାହିଁ ।

ଏହି ବିଷୟ କହିବା ପଛରେ ସ୍ପଷ୍ଟ ଅଭିପ୍ରାୟ ହେଉଛି ଏପରି ସ୍ୱଭାବ ଯୁକ୍ତ ବ୍ୟକ୍ତି ମାନନ୍ତି ଯେ ଏହି ଜଗତର ଉଦ୍ଦେଶ୍ୟ କେବଳ ଏଠାରେ ଏହାର ମନଇଚ୍ଛା ଭୋଗ, ଭୋଗି ନେବା ଉଚିତ । ସେମାନଙ୍କର ଈଶ୍ୱରଙ୍କ ଠାରେ, କର୍ମ ବିଧାନରେ, କୌଣସି ଜୀବନ ଉଦ୍ଦେଶ୍ୟରେ ବିଶ୍ୱାସ ନଥାଏ, ତେଣୁ ସେମାନେ ଭାବନ୍ତି ଏଠାରେ ଯେଉଁ କ୍ଷଣିକ ସୁଖ ମିଳିଥାଏ– ତାହାକୁ ଭୋଗିବାରେ ଜୀବନକୁ କଟାଇ ଦେବା ଉଚିତ । ସେଥିପାଇଁ ଚାର୍ବାକ ଦର୍ଶନରେ କୁହାଯାଇଛି- ଯଦି ଏହି ଜୀବର କୌଣସି ଆବାଗମନ ନାହିଁ, ତା'ର ଜନ୍ମ ଭଗବାନଙ୍କ ଠାରୁ ହୋଇନାହିଁ, ତାକୁ ମରିବା ପରେ ନିଜ କର୍ମର ପରିଣାମ ପ୍ରାପ୍ତ କରିବା ପାଇଁ କେଉଁଆଡ଼େ ଯିବାର ନାହିଁ, ତାହେଲେ ଯେତେ ଦିନ ବଞ୍ଚିବ, ସୁଖ ଭୋଗ କରିବା ପାଇଁ ହିଁ ବଞ୍ଚିଥିବ ।

ଏପରି ବଞ୍ଚିବାର ଇଚ୍ଛା ରଖୁଥିବା ବ୍ୟକ୍ତି ଯଦି ଉଧାର ନେଇ ମଧ ଘିଅ ପିଇବାକୁ ଚାହେଁ, ତାହେଲେ ଚିନ୍ତାର ବିଷୟ ନୁହେଁ, କାରଣ ମରିବା ପରେ କାହାକୁ କୌଣସି ହିସାବ ଦେବାର ନାହିଁ । ଯେତେ ବେଳେ କୌଣସି ହିସାବ ଦେବା –ନେବାକୁ କେହି ନାହାନ୍ତି, ତାହେଲେ ପୁଣି କର୍ମ କରିବା ସହିତ ଦାୟିତ୍ୱ ବୋଧର କଥା ମଧ ନିରର୍ଥକ ହୋଇଯାଏ । ସେଥି ପାଇଁ ଏପରି ଭାବନା ସମ୍ପନ୍ନ ବ୍ୟକ୍ତି, ଯେହେତୁ ତା'ର ବିଶ୍ୱାସ ଦାୟିତ୍ୱବୋଧ ବା କର୍ତ୍ତବ୍ୟ କର୍ମରେ ନ ଥାଏ, ସେଥିପାଇଁ ତାକୁ ଚୋରି, ଅପରାଧ, ହିଂସା, ବ୍ୟଭିଚାର କରିବାରେ କିଛି ଖରାପ ନଜରକୁ ଆସେ ନାହିଁ । ସେମାନେ ଭାବନା କରିଥାନ୍ତି ଯେ ଯଦି କୁକର୍ମ କରି ମଧ ସୁଖ ମିଳିଥାଏ ତେବେ ସେହି କୁକର୍ମକୁ ନିଃସଙ୍କୋଚ କରିବା ଉଚିତ, କାରଣ ଜୀବନ ନିରର୍ଥକ, ତାହାର କୌଣସି ପରମ ଉଦ୍ଦେଶ୍ୟ ନାହିଁ । ଏପରି ଚିନ୍ତନ ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତିର ହୋଇଥାଏ ।

ଏପର୍ଯ୍ୟନ୍ତ ତ କଥା ଠିକ୍ ଯେ ବ୍ୟକ୍ତି ଏପରି ଚିନ୍ତା କରୁଛି, କିନ୍ତୁ ଯଦି ଦେଖିବା ବ୍ୟକ୍ତିର ଏପରି ଚିନ୍ତାର ପରିଣାମ କ'ଣ ବାହାରୁଛି, ତେବେ ପରିଣାମ ସ୍ପଷ୍ଟ କରୁଛି ଯେ ସଂସାରର ସମସ୍ତ ଭୋଗକୁ ପାଗଳଙ୍କ ଭଳି ଭୋଗିନେବାର ଭାବ ରଖୁଥିବା ବ୍ୟକ୍ତିର ଜୀବନ ମଧ ପାଗଳାମିରେ, ଅସ୍ତବ୍ୟସ୍ତତାରେ, ଅରାଜକତାରେ ବଦଳିଯାଏ । ଦୈବୀ ସମ୍ପଦ ଯୁକ୍ତ ବ୍ୟକ୍ତିର ଜୀବନ ଏକ ଦିଗ, ଏକ ଲକ୍ଷ୍ୟ, ଏକ ଉଦ୍ଦେଶ୍ୟ ପାଇଁ ସମର୍ପିତ ହୋଇଥାଏ ।

ସେଥିପାଇଁ ତା' ଜୀବନରେ ଏକ ସନ୍ତୁଳନ, ଏକ ସଙ୍ଗୀତ, ଏକ ସାର୍ଥକତା ଦେଖିବାକୁ ମିଳିଥାଏ । ଏହାର ବିପରୀତ ଜଗତର ଅସ୍ତିତ୍ୱକୁ ନିରର୍ଥକ ବୁଝୁଥିବା, ଆସୁରୀ ସମ୍ପଦ ଯୁକ୍ତ ବ୍ୟକ୍ତିତ୍ୱର ଜୀବନ ପ୍ରାୟ ବିକ୍ଷିପ୍ତ ସମାନ ହୋଇଯାଏ । ତା' ଜୀବନରେ ନା କୌଣସି ଦିଗ ଥାଏ, ନା କୌଣସି ଗନ୍ତବ୍ୟ । ବାସନାର ଦଲକାଏ ପବନ ଆସେ ଏବଂ ସେ ତାହାକୁ ପୂର୍ଣ୍ଣ କରିବାକୁ ବାହାରି ପଡ଼େ । ଏବେ ସେହି ଦୌଡ଼ରୁ ମୁକ୍ତି ମିଳିଥାଏ କି ନାହିଁ ସେ ଅନ୍ୟ ଏକ ଦୌଡ଼ରେ ସାମିଲ ହୋଇଯାଏ । ଜୀବନ ତା' ପାଇଁ ଏକ ଧାଁ- ଦଉଡ଼, କେବେ ପୂର୍ଣ୍ଣ ହୋଇପାରୁ ନଥିବା ତୃଷାରେ ପରିବର୍ତ୍ତିତ ହୋଇଯାଏ ।

ଶ୍ରୀଭଗବାନ କହିଛନ୍ତି, ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତି ମାନିଥାଏ ଯେ ଏହି ଜଗତ ପଛରେ କୌଣସି ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ, ବରଂ ଏହା ତ ସ୍ତ୍ରୀ-ପୁରୁଷଙ୍କ କାମ-ସଂଯୋଗରୁ ହିଁ ଉତ୍ପନ୍ନ ହୋଇଛି । ଯେଉଁ ବ୍ୟକ୍ତି ଏହି ବିଚାର ରଖୁଥାଏ, ତା' ଜୀବନର ଏକମାତ୍ର ଲକ୍ଷ୍ୟ ବା ଉଦ୍ଦେଶ୍ୟ କାମନାଗୁଡ଼ିକର ଭୋଗ କରିବା ରହିଯାଏ । ପୁଣି ଏପରି ବ୍ୟକ୍ତି ପେଟ ଭରିବା ତଥା ପ୍ରଜନନ କରିବା ଅତିରିକ୍ତ ଜୀବନର କୌଣସି ଅନ୍ୟ ଲକ୍ଷ୍ୟ ବିଷୟରେ ଚିନ୍ତା କରିପାରି ନ ଥାଏ । ଏପରି ବ୍ୟକ୍ତିମାନଙ୍କୁ ନରପଶୁ, ନରପାମର ଅଟନ୍ତି ଯାହାଙ୍କ ଶରୀର ଓ ଆକୃତି ଯଦିଓ ମନୁଷ୍ୟ ସମାନ ହୋଇଥାଏ, ପରନ୍ତୁ ତାଙ୍କର ଚିନ୍ତନରେ କେବଳ ପାଶବିକ ପ୍ରବୃତ୍ତିର ଆଧିପତ୍ୟ ରହିଥାଏ । ସେମାନେ କାମଭୋଗ ଅତିରିକ୍ତ ଜୀବନର ଅନ୍ୟ କୌଣସି ଆଧାତ୍ମିକ ବା ସାର୍ଥକ ଲକ୍ଷ୍ୟର କଳ୍ପନା ମଧ କରି ପାରନ୍ତି ନାହିଁ । ଦୈବୀ ସମ୍ପଦ ଯୁକ୍ତ ବ୍ୟକ୍ତିର ଜୀବନ ଏକ ଅର୍ଥ, ଏକ ପ୍ରୟୋଜନ ପାଇଁ ସମର୍ପିତ ହୋଇଥାଏ ଏବଂ ଏଥିପାଇଁ ତା'ର ଜୀବନରେ ଆନନ୍ଦର କେବେହେଲେ ଅଭାବ ହୋଇ ନ ଥାଏ, ପରନ୍ତୁ ଆସୁରୀ ବ୍ୟକ୍ତିର ଜୀବନ କ୍ଷଣଭଙ୍ଗୁର ଭୋଗକୁ ଭୋଗିବାରେ ହିଁ ବ୍ୟତୀତ ହୋଇଯାଏ ଏବଂ ଏଥିପାଇଁ ତା' ଜୀବନରୁ ଅରାଜକତା ତଥା ବିକ୍ଷିପ୍ତତା କେବେହେଲେ ହ୍ରାସ ପାଇ ନ ଥାଏ ।

# ରାମାୟଣ କଥା : ଭରତଙ୍କ ଭ୍ରାତୃଭକ୍ତି



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ସିଦ୍ଧାର୍ଥ, ବିଜୟ, ଜୟନ୍ତ ଏବଂ ଅଶୋକନନ୍ଦନ । ଅଯୋଧାର ସବୁଠୁ ଚାଲାକ ଓ ଚତୁର ଦୂତ । ମାମୁଁ ଘରୁ ଭରତଙ୍କୁ ଫେରାଇ ଆଣିବା ଦାୟିତ୍ୱ ତାଙ୍କୁ ସମର୍ପି ଥିଲେ କୁଳଗୁରୁ ବଶିଷ୍ଠ । ମହାରାଜ ଦଶରଥଙ୍କ ସ୍ୱର୍ଗବାସ ସନ୍ଦେଶ ଗୁପ୍ତ ରଖି ଅତ୍ୟନ୍ତ ସନ୍ତର୍ପଣ ସହକାରେ କୁମାର ଭରତଙ୍କୁ ଅଯୋଧା ପ୍ରତ୍ୟାବର୍ତ୍ତିତ କରିବାରେ ସକ୍ଷମ ହୋଇଥିଲେ ସେମାନେ ।

ପିତାଙ୍କ ଦେହାନ୍ତ ସମ୍ବାଦ ଭରତଙ୍କୁ ଜଣା ନଥିଲା । ରାମଚନ୍ଦ୍ର ବନବାସୀ, ଏକଥା ମଧ ସେ ଜାଣି ନଥିଲେ । ଅଯୋଧା ପହଞ୍ଚି ସମସ୍ତ ବିଷୟ ଅବଗତ ହେଲେ । ପିତାଙ୍କ ସ୍ୱର୍ଗବାସ ଓ ଭାଇଙ୍କ ବନବାସ ମାତା କୈକେୟୀ କୃତ । ପତି ଏବଂ ପୁତ୍ର କଣ ସିଂହାସନ ତୁଳନାରେ ଏତେ ତୁଚ୍ଛ ? ପରତେ ହେଉ ନଥିଲେ ବି ସତ ଉଜାଗର ହୋଇ ସାରିଥିଲା ।

କୁଳଗୁରୁ ବଶିଷ୍ଠଙ୍କ ଉପଦେଶ ଅନୁସାରେ ପିତାଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କଲେ କୁମାର ଭରତ । ରାଜ୍ୟାଭିଷେକ ପ୍ରସ୍ତାବ ଖାରଜ କରି ଧାଇଁଲେ ପିତୃତୁଲ୍ୟ ଜ୍ୟେଷ୍ଠ ଭ୍ରାତା ରାମଚନ୍ଦ୍ରଙ୍କୁ ଅଯୋଧା ଫେରେଇ ଆଣିବାକୁ । କ୍ଷମା ଯାଚନା କରିବାକୁ । ରାଜ ସିଂହାସନରେ ଅଭିଷିକ୍ତ କରେଇବାକୁ । ହସ୍ତାନ୍ତର କରିବାକୁ ତାଙ୍କୁ ତାଙ୍କର ଅଧିକାର । କୈକେୟୀ ଓ ମନ୍ଥରାକୁ ସମୁଚିତ ଶିକ୍ଷା ଦେବାକୁ, ଉପଯୁକ୍ତ ଶାସ୍ତି ବିଧାନ କରିବାକୁ ।

ଶୃଙ୍ଗବେରପୁର ରାଜ୍ୟ ସୀମାନ୍ତ ଗୁପ୍ତଚର ଭରତଙ୍କ ସସୈନ୍ୟ ଆଗମନ ସନ୍ଦେଶ ପ୍ରଦାନ କରନ୍ତେ ନିଶାଦରାଜ ଭରତଙ୍କ ପଥ ଓଗାଳି ଚେତାବନୀ ଦେଲେ ଆଗକୁ ନଯିବାକୁ । ଯେତେ ବୁଝେଇବାକୁ ଚେଷ୍ଟା କଲେ ମଧ ସେ ବୁଝିବାକୁ ନାରାଜ । ନଛୋଡବନ୍ଧା । ନିଜ ଜିଦରେ ଅଟଳ । ବାଲ୍ୟବନ୍ଧୁଙ୍କ ରାଜ୍ୟ ନିଷ୍କାସନ ତାଙ୍କୁ ବିସ୍ମରି ଦେଇଥିଲା କୁମାର ଭରତ ରାମଚନ୍ଦ୍ରଙ୍କ ଭାଇ ବୋଲି । ତାଙ୍କ ମନ ଓ ମସ୍ତିଷ୍କରେ ଘୁରିବୁଲୁଥିଲା ରାମ ଲକ୍ଷ୍ମଣଙ୍କ ବନବାସୀ ବେଶ । କୁଳବଧୂ ସୀତାଙ୍କ ଶୃଙ୍ଗାରବିହୀନ ଗେରୁଆ ପରିପାଟୀ ।

ରାଜା ଗୁହ୍ୟଙ୍କ ନଜର ଶୁକ୍ଳବସ୍ତ୍ର ପରିହିତା ତିନିରାଣୀ ଏବଂ ବନବାସୀ ବେଶଧାରୀ ଦୁଇଭାଇଙ୍କ ଉପରେ ପଡନ୍ତେ ତାଙ୍କୁ ବୁଝିବାକୁ କିଛି ବାକି ରହିଲାନି । ଭୟ ଭ୍ରାନ୍ତି ସବୁକିଛି ଦୁରେଇ ଗଲା । ନିଜ ଭୂଲ ସ୍ୱୀକାର କଲେ । କ୍ଷମା ଯାଚନା କଲେ ସେ । ଭରତଙ୍କୁ କୁଣ୍ଢାଇ ଧରିଲେ ବୁକୁରେ । ରାମଚନ୍ଦ୍ର ପ୍ରସ୍ଥାନ କରିଥିବା ଦିଶାର ମାର୍ଗଦର୍ଶନ କଲେ ।

ଚିତ୍ରକୂଟ ନିକଟବର୍ତ୍ତୀ ହୁଅନ୍ତେ ଚତୁରଙ୍ଗିନୀ ଅଯୋଧା ସେନା ଉପରେ ଲକ୍ଷ୍ମଣଙ୍କ ଦୃଷ୍ଟି ପଡିଲା । ଭରତଙ୍କ ସସୈନ୍ୟ ବନାଗମନ ବାର୍ତ୍ତା ରାମଚନ୍ଦ୍ରଙ୍କୁ ଜଣେଇ ତାଙ୍କୁ ଭର୍ସନା କରିବାକୁ ଲାଗିଲେ । ଭରତାଗମନ ଶୁଣନ୍ତେ ରାମଚନ୍ଦ୍ରଙ୍କ ହୃଦୟ ଖୁସିରେ ନାଚି ଉଠିଲା । ଆନନ୍ଦାଶ୍ରୁ ବହିବାକୁ ଲାଗିଲା । ଶରୀର ଶିହରି ଉଠିଲା । ସୀତା ମଧ ଅତ୍ୟନ୍ତ ପ୍ରୀତ ହେଲେ । ଭ୍ରାତୃପ୍ରେମର ପବିତ୍ର ବନ୍ଧନ ଉଭୟଙ୍କୁ ଅନୁଭୂତ ହେଲା । ଲକ୍ଷ୍ମଣ କିନ୍ତୁ ନିଜ ବଚନରେ ବନ୍ଧା । ତାଙ୍କ ଜୀବନ ଜିଇଁବାର ଉଦ୍ଦେଶ୍ୟ ପିତାତୁଲ୍ୟ ଭାଇ ଓ ମାତାତୁଲ୍ୟା ଭାଉଜଙ୍କ ନିରନ୍ତର ସ୍ୱୋ ଓ ନିରାପତ୍ତା । ଭାଇ ପାଇଁ ଭାଇ ସଙ୍ଗେ ଲଢ଼ିବାର ଭାଇ ସିଏ । ତାଙ୍କ ଅସ୍ଥିର ମନର ଅହେତୁକ ଆଶଙ୍କା ରାମଚନ୍ଦ୍ରଙ୍କୁ ଅଛପା ନଥାଏ । 'ଭରତ ଆମର ଭାଇ, ଭଗାରୀ ନୁହେଁ 'କହି ସାନ୍ତ୍ୱନା ଦେଲେ ଲକ୍ଷ୍ମଣଙ୍କୁ ।

ଭରତ, ବଶିଷ୍ଠାଦି ଋଷି ଓ ତିନିରାଣୀ ରାମଙ୍କ ପର୍ଣ୍ଣ କୁଟୀର ସମୀପରେ ଉପସ୍ଥିତ ହେଲେ । ପ୍ରଭୁ ରାମଚନ୍ଦ୍ରଙ୍କୁ ଅତି ନିକଟରୁ ପାଇ ଭରତଙ୍କ ଖୁସି କହିଲେ ନସରେ । ନିଜସ୍ୱ ସ୍ଥିତି ଓ ଅବସ୍ଥିତି ସମ୍ପୂର୍ଣ୍ଣ ବିସ୍ମରଣ କରିସାରିଥିଲେ ସେ । ଶରୀରରେ ଲୋମ ଟାଙ୍କୁରା ଅପୂର୍ବ ଶିହରଣ । ପୁଲକିତ ଅଙ୍ଗପ୍ରତ୍ୟଙ୍ଗ । ଭାଇଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କ୍ଷମା ଯାଚନା କଲେ । ଅନୁନୟ ବିନୟ ହେଲେ । ମୋରି ଯୋଗୁଁ ଆପଣଙ୍କ ଏପରି ଦୁର୍ଦ୍ଦଶା କହି ନିଜକୁ ନିଜେ କୋଶିବାରେ ଲାଗିଲେ । ପ୍ରଭୁଙ୍କ ଦର୍ଶନରେ ବହିଚାଲିଲା ଅବିଶ୍ରାନ୍ତ ଶ୍ରାବଣର ଧାରା । ନୀରଭିଜା ନୟନ । ଯୋଡହସ୍ତ । ଥରଥର ଗଳାରେ ଅନୁରୋଧ କଲେ ଅଯୋଧା ଫେରିବାକୁ । ରାମରଙ୍କ ପ୍ରଜାଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବାକୁ । ନିଜ ରାଜ୍ୟ ଭାର ନିଜେ ନେବାକୁ । ରାମରାଜ୍ୟ ପ୍ରତିଷ୍ଠା କରିବାକୁ । କୁମାର ଭରତଙ୍କୁ ବୁକୁରେ ଜାବୁଡି ଧରି ସବୁ ସ୍ନେହ ଅଜାଡି ଦେଲେ ପ୍ରଭୁ ରାମଚନ୍ଦ୍ର । ସ୍ନେହଭିଜା ତତଲା ଲୁହ ସ୍ୱତଃ ଗଡିପଡିଲା ପ୍ରଭୁଙ୍କ ନୟନ ଯୁଗଳରୁ । ରାମ-ଭରତ ମିଳନ ଥିଲା ଅତ୍ୟନ୍ତ ଦୁର୍ଲଭ ଓ ସୁଖଦାୟୀ । ଭ୍ରାତୃ ପ୍ରେମର ପରମ ନିଦର୍ଶନ ।

'ପିତାଙ୍କ ବଚନ ରକ୍ଷା ଓ ମାତାଙ୍କ ଇଚ୍ଛାପୂର୍ତ୍ତି ତାଙ୍କର ପୁତ୍ର ଧର୍ମ । ପିତାଜ୍ଞା ପାଳନ ଓ ମାତାଙ୍କ ସମ୍ମାନ ତାଙ୍କର କର୍ତ୍ତବ୍ୟ । ଅନ୍ୟଥା ରଘୁକୁଳ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ 'କହି ଅଯୋଧା ଲେଉଟିବାକୁ ବାରଣ କଲେ ଶ୍ରୀରାମଚନ୍ଦ୍ର । ଚୂଡାନ୍ତ ନିଷ୍ପତ୍ତି ନେବା ଦାୟିତ୍ୱ ରାଜ ଋଷି ମିଥିଳା ନରେଶ ଜନକଙ୍କ ଉପରେ ନ୍ୟସ୍ତ ହେଲା । 'ଭ୍ରାତୃ ପ୍ରେମ ଓ ସମର୍ପଣ ପୁତ୍ରଧର୍ମ ପାଳନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅପିତୁ ଯିଏ ଯାହାଙ୍କ ପ୍ରତି ସମର୍ପିତ ତାଙ୍କର ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ, 'ପ୍ରସ୍ତାବ ଦେଲେ ରାଜା ଜନକ । ଭରତଙ୍କୁ ବୁଝିବାକୁ କିଛି ବାକି ନଥାଏ । ପ୍ରଭୁ ରାମଚନ୍ଦ୍ରଙ୍କ ନିଷ୍ପତ୍ତି ସସମ୍ମାନ ମାନିନେଲେ କୁମାର ଭରତ । ହେଲେ, ତାଙ୍କର ଦୁଇଟି ଅନୁରୋଧ ରକ୍ଷା କରିବାକୁ ପ୍ରାର୍ଥନା କଲେ । ଖୁସିରେ ପ୍ରଭୁ ସହମତ ହେଲେ ।

'ଅଯୋଧା ସିଂହାସନରେ ଉପବେଶନ କରିବା ଯୋଗ୍ୟତା ମୋର ନାହିଁ । ଅଧିକାର ବହିର୍ଭୁତ ମଧ । ପ୍ରଭୁଙ୍କ ଚରଣ ପାଦୁକା ବିରାଜିତ ହେବେ ସିଂହାସନରେ । ତାଙ୍କରି ନିର୍ଦ୍ଦେଶରେ ମୁଁ ପ୍ରତିନିଧି ଭାବେ ଚଉଦ ବର୍ଷ ରାଜ୍ୟ ରକ୍ଷା କରିବି । ଚଉଦ ବର୍ଷ ପୂର୍ଣ୍ଣ ପରେ ଗୋଟିଏ ଦିନ ବି ଅଯୋଧା ଲେଉଟିବାରେ ଉଛୁର ହେଲେ ମୁଁ ଜୀବନ ତ୍ୟାଗିବି 'ଅତି ନରମ ଗଳାରେ କହିଲେ ଭରତ । ଉଭୟ ଭାଇଙ୍କ ଚକ୍ଷୁ ପୁଣିଥରେ ସଜଳ ହେବାକୁ ଲାଗିଲା । ଭ୍ରାତୃ ଭକ୍ତ ଭରତ ପ୍ରଭୁଙ୍କ ଚରଣ ପାଦୁକା ଅତି ଯତ୍ନରେ ମୁଣ୍ଡରେ ବୋହି ମନ ଦୁଃଖରେ ଫେରିଲେ । ଅଯୋଧା ନିକଟବର୍ତ୍ତୀ ନନ୍ଦୀଗ୍ରାମରେ ବନବାସୀ ଜୀବନ ବିତାଇଲେ । ଚଉଦ ବର୍ଷ ପର୍ଯ୍ୟନ୍ତ ପ୍ରଭୁଙ୍କ ପ୍ରତନିଧି ଭାବେ ପ୍ରଜା ପାଳିଲେ ।

ବନବାସ କାଳରେ ରାମଚନ୍ଦ୍ରଙ୍କ ସହିତ ଥିଲେ ତାଙ୍କର ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣ । ଭରତଙ୍କ ମୁଣ୍ଡ ଉପରେ ଥିଲା ରାମଚନ୍ଦ୍ରଙ୍କ ଆଶିଷ ଭରା ହାତ, ମହାର୍ଘ ଚରଣ ପାଦୁକା । ମହାରାଣୀ କୈକେୟୀ କିନ୍ତୁ ଏକଲା । ନା ଥିଲେ ଦଶରଥ, ନା ରାମଚନ୍ଦ୍ର ନା ଭରତ । ନା ଥିଲା ଅଯୋଧାର ସିଂହାସନ । ଅସଲ ବନବାସରେ ତ ଥିଲେ ରାଣୀ କୈକେୟୀ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ନାମ ଥିଲା ରତ୍ନାକର । କୁସଙ୍ଗରେ ପଡ଼ି ଚରିତ୍ର ଭ୍ରଷ୍ଟ ହୋଇଗଲା । ଦସ୍ୟୁ ବୃତ୍ତିକୁ ଆଦରି ନେଇଥଲା ନିଜର ଆବଶ୍ୟକତା ପୂରଣ ପାଇଁ । ଜଙ୍ଗଲରେ ଛପି ରହି ଯାତ୍ରୀଙ୍କୁ ଲୁଟ୍ କରିବା ଥିଲା ପ୍ରାତ୍ୟହିକ କର୍ମ । କେହି ପ୍ରତିବାଦ କଲେ ହତ୍ୟା କରିବାକୁ କୁଣ୍ଠା କରୁ ନ ଥିଲା । ସଂଯୋଗବଶତଃ ଦିନେ ନାରଦ ଜଙ୍ଗଲ ମଧ ଦେଇ ଯାଉଥିଲାବେଳେ ଲୁଟ୍ ଉଦ୍ଦେଶ୍ୟରେ ଅଟକାଇ ଧମକ ଦେଇଥିଲା ହତ୍ୟା କରିବା ପାଇଁ । ନାରଦ ସ୍ନେହପୂର୍ବକ କହିଥିଲେ- 'ମୋ ପାଖରେ କ'ଣ ଅଛି ଯେ ଲୁଟ୍ କରିବୁ ? ଅକାରଣରେ କାହିଁକି ମଣିଷକୁ ହତ୍ୟା କରୁଛୁ ବାବା ? ଜୀବକୁ ପୀଡ଼ା ଦେବା ଭଳି ବଡ଼ ପାପ ଏ ଦୁନିଆରେ ଆଉ କିଛି ବି ନାହିଁ । ଏଇ ପାପ କାରଣରୁ ତୁମେ ପରଲୋକରେ ଭୟଙ୍କର ନରକ ଯନ୍ତ୍ରଣା ଭୋଗିବ ।' ନାରଦଙ୍କର ନିଡ଼ରତା ଓ ସ୍ନେହପୂର୍ଣ୍ଣ ବାଣୀ ନିଷ୍ଠୁର ଡାକୁର ହୃଦୟ ପରିବର୍ତ୍ତନ କରିଦେଇଥିଲା । କହିଥିଲା- 'ମୋର ପରିବାର ବଡ଼, ଭରଣପୋଷଣ ନିମିତ୍ତ ଆଉ କୌଣସି ମାର୍ଗ ନାହିଁ । ଅନ୍ୟଥା ସେମାନେ ଭୋକଉପାସରେ ମରିଯିବେ । ମୁଁ ତେଣୁ ଏଇ ବୃତ୍ତି ବାଛି ନେଇଛି ।" 'ଯାହାଙ୍କୁ ପାଳିବାପୋଷିବା ପାଇଁ ତୁମେ ଏହି ହତ୍ୟା କରୁଛ, ସେମାନଙ୍କୁ ପଚାରିବ, ସେମାନେ କ'ଣ ତୁମର ଏଇ ପାପରେ ଭାଗୀ ହେବେ'- ନାରଦ କହିଥିଲେ । ଏହାର ଉତ୍ତର ପାଇବା ପାଇଁ ନାରଦଙ୍କୁ ଗଛରେ ବାନ୍ଧି ଦେଇ ପଚାରିବାକୁ ଯାଇଥିଲା । ସମସ୍ତେ ନାସ୍ତିବାଣୀ ଶୁଣାଇ କହିଥିଲେ- 'ଆମକୁ ପାଳିବାପୋଷିବା ତୁମର ଦାୟିତ୍ୱ । ଆମେ କାହିଁକି ପାପରେ ଭାଗୀ ହେବୁ । ସେତେବେଳେ ସକଳ ଭ୍ରାନ୍ତି ଦୂର ହୋଇ ଯାଇଥିଲା । ଧାଇଁ ଆସି ନାରଦଙ୍କୁ ବନ୍ଧନ ମୁକ୍ତ କରି ମୁକ୍ତିର ମାର୍ଗ ପଚାରିଥିଲା । ରାମ ନାମ ଜପ କରିବାକୁ ଉପଦେଶ ଦେଇଥିଲେ ନାରଦ । ହେଲେ ଭୟଙ୍କର ପାପୀ ହୋଇଥିବାରୁ ଏଇ ନାମ ତୁଣ୍ଡରେ ଉଚ୍ଚାରିତ ହୋଇନଥିଲା । 'ମରା ମରା' ଜପ କଲେ ଏହା ରାମ ନାମରେ ପରିଣତ ହୋଇଯିବ ବୋଲି ଉପଦେଶ ଦେଇ ନାରଦ ତାଙ୍କ ବାଟରେ ଚାଲିଯାଇଥିଲେ । ଦିନ, ମାସ, ବର୍ଷ ପରେ ବର୍ଷ ବିତିଗଲା । ତପସ୍ୟାରୁ ଉତ୍ତ ହୋଇନଥିଲା ରତ୍ନାକର । ନାରଦ ଫେରିବା ସମୟରେ ହୁଙ୍କା ଭିତରୁ 'ରାମ-ରାମ' ବୋଲି କ୍ଷୀଣ ସ୍ୱର ଉଚ୍ଚାରିତ ହେଉଥିବା ଶୁଣିବାକୁ ପାଇଥିଲେ । ନିକଟକୁ ଯାଇ ଦେଖିଲା ବେଳକୁ ସେ ବଲ୍ମୀକ ହୋଇଯାଇଥିଲେ । ଆଶୀର୍ବାଦ ଦେଇ ଉଇ ହୁଙ୍କା ଭିତରୁ ବାହାରି ଆସିବାକୁ କହିଥିଲେ ଦେବର୍ଷି । ମେଘ ଆଢୁଆଳରେ ଦୀପ୍ତିମାନ ସୂର୍ଯ୍ୟ ବାହାରି ଆସିଲା ପରି ହୁଙ୍କା ଭିତରୁ ବାହାରି ଆସିଥିଲେ ରତ୍ନାକର । ବଲ୍ମୀକ ଭିତରୁ ବାହାରି ଆସିଥିବାରୁ ତାଙ୍କର ନାମ ହୋଇଥିଲା ବାଲ୍ମୀକ । ବ୍ୟାଧ ଶରାହତ କ୍ରୌଞ୍ଚ ଦମ୍ପତିଙ୍କ ମଧରୁ ଗୋଟିକର ମୃତ୍ୟୁରେ ତାଙ୍କ ମୁହଁରୁ ଯେଉଁ ଶ୍ଲୋକ ନିର୍ଗତ ହୋଇଥିଲା ତାହା ପୃଥିବୀର ପ୍ରଥମ ଶ୍ଲୋକ କୁହାଯାଇଥାଏ ।

# ପଞ୍ଚ ପଞ୍ଚୁକ

## ପଣ୍ଡିତ ନାମଯଜ୍ଞ ମିଶ୍ର

ପୁରାଣ ଶାସ୍ତ୍ରରେ କାର୍ତ୍ତିକ, ମାଘ ଓ ବୈଶାଖି ମାସକୁ 'ପୁଣ୍ୟମାସ' ବୋଲି କୁହାଯାଇଅଛି । ଏହି ମାସମାନଙ୍କରେ ବ୍ରତରଖି ମାସଯାକ ପ୍ରଭାତ ସ୍ନାନାନ୍ତେ ବିଷ୍ଣୁ ପୂଜନ, ଗୋସେବା, ତୁଳସୀ ଓ ଅନ୍ୟାନ୍ୟ ବୃକ୍ଷରୋପଣ, ଦାନ, ଧାନ ଓ ଏକାଦଶୀ ବ୍ରତାଦି ପାଳନ କଲେ ପ୍ରାଣୀ ମୋକ୍ଷ ଲାଭ କରେ ବୋଲି ପଦ୍ମପୁରାଣ ଓ ଅନ୍ୟାନ୍ୟ ପୁରାଣରେ ଉକ୍ତ ଅଛି । ତେଣୁ କାର୍ତ୍ତିକ ବ୍ରତାଧିକାରୀ ନରନାରୀ ଗଣ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରି ବିଷ୍ଣୁ ଓ ତୁଳସୀ ପୂଜନ, ଶିବ ଶକ୍ତି ପୂଜା ଆଦି କରି ପାଳିଥାନ୍ତି । କାର୍ତ୍ତିକ ମାସର ଅନ୍ୟ ଦିନଗୁଡିକ ଅପେକ୍ଷା ଶେଷ ପାଞ୍ଚଦିନକୁ 'ପଞ୍ଚକ' ବୋଲି ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ବାସ୍ତବିକ ଏହା କେବଳ 'ପଞ୍ଚକ' ନୁହେଁ ଏହା ପ୍ରକୃତରେ 'ପଞ୍ଚ ପଞ୍ଚକ' ବୋଲି ବିଦ୍ୱାନ୍ ଗଣ କହିଥାନ୍ତି । କାରଣ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ତୁଳସୀ ପଞ୍ଚ, ଧାତ୍ରୀପଞ୍ଚକ ଓ ରାସ ପଞ୍ଚକକୁ ନେଇ ଏହା ଗଠିତ । ଏ ପାଞ୍ଚଟି ପଞ୍ଚକ ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଓ ଏହା ସର୍ବ ପ୍ରଥମେ ଗୋକୁଳ ବା ବୃନ୍ଦାବନରେ ପାଳିତ ହୋଇଥିବାରୁ ସାମଗ୍ରିକ ଭାବେ ଗୋକୁଳ ପଞ୍ଚକ ନାମରେ ଅଭିହିତ ।

ଭୀଷ୍ମ ପଞ୍ଚକ : କୁରୁ କୁଳ ପିତାମହ ଭୀଷ୍ମ ମହା ଭାରତ ଯୁଦ୍ଧରେ ଶରଶଯ୍ୟାଗତ ଥାଇ ପ୍ରାଣତ୍ୟାଗ କରିଥିଲେ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ । ପ୍ରାଣତ୍ୟାଗ ସମୟରେ ସେ ଭଗବାନ କୃଷ୍ଣଙ୍କୁ ଦର୍ଶନକରି ସେ ଅବିବାହିତ ହେତୁ ସନ୍ତାନ ହୀନ ଥିବାରୁ କିଏ ତାଙ୍କର ପ୍ରାଣାନ୍ତେ ପିଣ୍ଡଦାନ କରିବ ବୋଲି ଚିନ୍ତା ପ୍ରକଟ କରିବାରୁ ଶ୍ରୀକୃଷ୍ଣ ତାଙ୍କୁ ବର ଦେଇଥିଲେ ଯେ, ଯେଉଁ ପୁଣ୍ୟାତ୍ମା ଗଣ ଆପଣଙ୍କୁ ଏ ଦିନରେ ପିଣ୍ଡଦାନ କରି ଶ୍ରାଦ୍ଧ କରିବେ ତାଙ୍କର ସପ୍ତ ପୁରୁଷ ଉଦ୍ଧାର ହେବା ସଂଗେ ସଂଗେ ଶ୍ରାଦ୍ଧକାରୀ ବିଷ୍ଣୁ ଲୋକ ପ୍ରାପ୍ତ ହେବେ । ସୁତରାଂ ଏହି ଦିନ ଏକାଦଶୀ ବ୍ରତ ସହ କୃଷ୍ଣ ଭକ୍ତଭୀଷ୍ମଙ୍କ ଅର୍ଥରେ ପିଣ୍ଡଦାନ କରିଥାନ୍ତି ।

ବକପଞ୍ଚକ : ରାବଣ କର୍ତ୍ତୃକ ସୀତାଙ୍କ ଅପହରଣ ପରେ ତାଙ୍କୁ ଖୋଜି ଖୋଜି ବନରେ ବୁଲୁଥିବା ବେଳେ ପଶୁ, ପକ୍ଷୀ, ବୃକ୍ଷଲତାଦିଙ୍କୁ ବି ସୀତାଙ୍କର ସନ୍ଧାନ ପାଇଁ ରାମ ପ୍ରଶ୍ନ କରୁଥିଲେ । ସମସ୍ତେ ତାଙ୍କୁ ପାଗଳ କହୁଥିବା ବେଳେ ବୃକ୍ଷରେ ବସିଥିବା ବକପକ୍ଷୀ ଟିଏ ସୀତାଙ୍କୁ ରାବଣ ଚୋରୀ କରି ଦକ୍ଷିଣ ଦିଗକୁ ଯାଇଥିଲା ବୋଲି ସନ୍ଧାନ ଦେଲା । ପ୍ରଭୁ ରାମଚନ୍ଦ୍ର ସନ୍ତୁଷ୍ଟ ହୋଇ ତାର ସହୃଦୟତା ପାଇଁ ବର ଯାଚନ୍ତେ ସେ ବସାରେ ବର୍ଷାରେ ଆହାର ମିଳୁ ବୋଲି କହିଥିଲା । ରାମଚନ୍ଦ୍ର ଘୋର ବର୍ଷା କାଳରେ ତାକୁ ତା ବସାରେ ହିଁ ଆହାର ମିଳିବ ବୋଲି ବର ଦେଇଥିଲେ । ତେଣୁ ଏହି ଦିନମାନଙ୍କରେ କାର୍ତ୍ତିକ ବ୍ରତୀଗଣ ଖାଦ୍ୟ ଦ୍ରବ୍ୟାଦି ପଶୁପକ୍ଷୀଙ୍କ ସେବାରେ ଉତ୍ସର୍ଗ କରିବା ପ୍ରଥା ରହିଅଛି ।

ତୁଳସୀ ପଞ୍ଚକ : ପଦ୍ମ ପୁରାଣ ଓ କାର୍ତ୍ତିକ ମହାତ୍ମ ଅନୁସାରେ ଦୈତ୍ୟଜଳନ୍ଧର ଶିବବେଶ ଧରି ଦେବୀ ପାର୍ବତୀଙ୍କୁ ହରଣ କରିବାକୁ ଯାଆନ୍ତେ ଧରା ପଡି ଶିବଙ୍କର ସହ ଯୁଦ୍ଧରେ ବ୍ୟାପୃତ ହେଲା । ତାର ପତ୍ନୀ ବୃନ୍ଦାବତୀ ସତୀ ସ୍ତ୍ରୀ ହେତୁ ତା ପୁଣ୍ୟଯୋଗୁଁ ଜଳନ୍ଧରର ନିଧନ ସମ୍ଭବ ନ ହେବାରୁ ପାର୍ବତୀଙ୍କ ପ୍ରାର୍ଥନାରେ ଶ୍ରୀ ବିଷ୍ଣୁ ଜଳନ୍ଧର ରୂପଧରି ତାର ସତୀତ୍ୱ ହରଣ କରନ୍ତେ ଦୁଷ୍ଟ ଜଳନ୍ଧରର ମୃତ୍ୟୁ ହେଲା ଶିବାସ୍ତ୍ରରେ । ଛଦ୍ମ ବେଶରେ ତାର ସତୀତ୍ୱ ହରଣ କରିଥିବାରୁ ବୃନ୍ଦାବତୀ ଶ୍ରୀ ବିଷ୍ଣୁଙ୍କୁ ଶିଳାରୂପ ନେବାକୁ ଅଭିଶାପ ଦେଇ ଆପେ ଅଗ୍ନିରେ ଆତ୍ମ ବିସର୍ଜନ କଲା । ବିମର୍ଶ ବିଷ୍ଣୁ ଶିଳା ରୂପରେ ଥିବା ଦେଖି ଦେବଗଣ କାତର ପ୍ରାର୍ଥନା କରନ୍ତେ ଯୋଗମାୟା ଆସି ତିନି ମୁଠା ବିହନ ଦେଲେ ଓ ତହିଁରୁ ବୃନ୍ଦାବତୀ ତୁଳସୀ ରୂପରେ ଲକ୍ଷ୍ମୀ ମାଳତୀ ବୃକ୍ଷରୂପେ ଏବଂ ସରସ୍ୱତୀ ଧାତ୍ରୀ (ଅଁଳା) ବୃକ୍ଷ ରୂପେ ସୃଷ୍ଟି ହୋଇ ବିଷ୍ଣୁଙ୍କ ବିଷାଦ ଭାବ ଦୂର କଲେ । ଏଣୁ ବିଷ୍ଣୁଙ୍କ ସନ୍ତୁଷ୍ଟାର୍ଥେ ନିତ୍ୟ ତୁଳସୀ ପୂଜନ, ଚତୁର୍ଦ୍ଦଶୀରେ ଧାତ୍ରୀ ପୂଜା ଏବଂ ପଞ୍ଚକ ପାଞ୍ଚ ଦିନ ଯାକ, କଣ୍ଟାମାଳତୀ ଫୁଲ, ପ୍ରଭୁଙ୍କୁ ଅର୍ପଣ ବିଧି ରହିଅଛି ।

ଧାତ୍ରୀ ପଞ୍ଚକ : ପଞ୍ଚକରେ ଧାତ୍ରୀ ପୂଜା ସଂଗେ ସଂଗେ ଜଗଦ୍ଧାତ୍ରୀ (ଅମ୍ବିକା) ପୂଜା ଓ ଚୁତର୍ଦ୍ଦଶୀରେ ବାଲୁକା ଲିଙ୍ଗ ପୂଜା କରି ଗୋପୀମାନେ କୃଷ୍ଣଙ୍କୁ ପ୍ରାପ୍ତ ହେବା ବର ପାଇଥିଲେ । ଏଣୁ ବ୍ରତୀମାନେ ଏ ସବୁ ପୂଜାକରି ରାତ୍ରି ଜାଗରଣର ବିଧି ରହିଅଛି ।

ରାସପଞ୍ଚକ : ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କର ମନସ୍କାମ ପୂରଣ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ରାତ୍ରିରେ ସେମାନଙ୍କୁ ନେଇ ଶରତ ରାସ ଆରମ୍ଭ କରିଥିଲେ ବ୍ରତର ପୂରଣ ପରେ । ଏଣୁ ଏହାକୁ ରାସ ପଞ୍ଚକ ବୋଲି କୁହାଯାଏ ।

**ବରପାଲିପଡ଼ା,**
**ବଲାଙ୍ଗୀର**


ବର୍ଷ ୨୮, ସଂଖ୍ୟା - ୪୫, ୧୦ - ୧୬ ନଭେମ୍ବର ୨୦୨୪

# ଶିକ୍ଷା କ୍ଷେତ୍ରରେ ଦାରିଦ୍ର୍ୟ

**ଭା**ରତରେ ଶିକ୍ଷା ବ୍ୟବସ୍ଥାର ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି । ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ ଗତ କିଛି ବର୍ଷ ମଧ୍ୟରେ ପ୍ରାୟ ୭୮ ପ୍ରତିଶତ ବୃଦ୍ଧି ପାଇଛି । କିନ୍ତୁ ଶିକ୍ଷାର ମାନ ବୃଦ୍ଧି ହୋଇପାରି ନାହିଁ । ଭଲ ଶିକ୍ଷକ ଓ ଶ୍ରେଣୀ ଗୃହ କଥା ପଛକୁ ଥାଉ ; ଶିକ୍ଷାର ମାନ ଏତେ ଖରାପ ଯେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୫ଜଣରେ ଜଣେ ଛାତ୍ର ବା ଛାତ୍ରୀ ପାଠ୍ୟପୁସ୍ତକ ପଢ଼ିପାରୁନାହାନ୍ତି । ଆହୁରି ପରିତାପର ବିଷୟ ହେଉଛି ଦେଶର ପ୍ରାୟ ୪୫୦୦ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ଶିକ୍ଷକ ନବମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇନାହାନ୍ତି । ସେମାନେ କୌଣସି ମତେ ଚାକିରି କରିଛନ୍ତି । କିନ୍ତୁ ପାଠ ପଢ଼ାଇପାରୁନାହାନ୍ତି । ସରକାର ସେମାନଙ୍କୁ ଚାକିରି ଭିତରେ ତାଲିମ ପ୍ରଦାନ ବ୍ୟବସ୍ଥା କରିବାରେ ମଧ୍ୟ ବିଫଳ ହୋଇଛନ୍ତି । ୟୁଡିଫାଏଡ୍ ଡିଷ୍ଟ୍ରିକ୍ ଇନ୍‌ଫର୍ମେସନ୍ ସିଷ୍ଟମ୍ ଫର ଏଡୁକେଶନ୍ ପ୍ଲସ୍ (ୟୁଡିଆଇଏସ୍‌ଇ) ତଥ୍ୟ ଅନୁଯାୟୀ, ୨୦୨୨ ବର୍ଷରେ ମାତ୍ର ୧୫ ପ୍ରତିଶତ ଶିକ୍ଷକଙ୍କୁ ଆବଶ୍ୟକ ତାଲିମ ଦିଆଯାଇଛି । କିନ୍ତୁ ସେମାନେ ଆଶାନୁରୂପ ଦକ୍ଷତା ହାସଲ କରିପାରିନାହାନ୍ତି । ବିଶ୍ୱବିଦ୍ୟାଳୟସ୍ତରରେ ମଧ୍ୟ ପରିସ୍ଥିତି ପ୍ରାୟ ସମାନ ବୋଲି ସୂଚନା ମିଳିଛି ।  ସେଥିପାଇଁ ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ପାରୁନଥିବା କହିଛନ୍ତି ଜାତିସଂଘ ଚିଲ୍‌ଡ୍ରେନ୍ସ ଫଣ୍ଡର ବିଶେଷଜ୍ଞ ଶେଷଗିରି କେ, ଏମ୍ ରାଓ । ଶିକ୍ଷକଙ୍କୁ ପେସାଦାର କରିବା ଓ ପେସାଗତ ତାଲିମ ଦେବା ଏକ ନିୟମିତ ପ୍ରକ୍ରିୟା ହେବା ଉଚିତ ବୋଲି ସେ କହିଛନ୍ତି । ତଥ୍ୟ ଅନୁଯାୟୀ, ୨୦୧୩ରୁ ୨୦୨୩ ମଧ୍ୟରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବଜେଟ ପରିମାଣ ୭୮ ପ୍ରତିଶତ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୨୫ ପ୍ରତିଶତ ବୃଦ୍ଧି ପାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୭.୯ ଲକ୍ଷ କୋଟି ଟଙ୍କା ଶିକ୍ଷା ବାବଦରେ ବ୍ୟୟ କରୁଛନ୍ତି ; ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୩ ପ୍ରତିଶତ । ବାସ୍ତବ ଚିତ୍ର ହେଉଛି, ମୌଳିକ ଅଧ୍ୟୟନ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇପାରିନାହିଁ । ତିନିରୁ ୧୦ ବର୍ଷ ମଧ୍ୟସ୍ତ ବହୁ ସ୍କୁଲ ପିଲା ଏବେ ସୁଦ୍ଧା ଲେଖିବା ଓ ପଢ଼ିବା କ୍ଷେତ୍ରରେ ଦୁର୍ବଳ ରହିଛନ୍ତି । ପିଲା ବହୁବିଧ ସରକାରୀ ପ୍ରୟାସ ତଥା ବିଭିନ୍ନ ପ୍ରଲୋଭନ ଯୋଗୁଁ ସ୍କୁଲ ଯାଉଛନ୍ତି କିନ୍ତୁ ପାଠ ପଢୁନାହାନ୍ତି । ଏହାର ପ୍ରମୁଖ କାରଣ ହେଉଛି ଉପଯୁକ୍ତ ଶିକ୍ଷକଙ୍କ ଅଭାବ । ବିଶ୍ୱବ୍ୟାଙ୍କ ପକ୍ଷରୁ ଏହାକୁ 'ଲର୍ଣ୍ଣ ପଭର୍ଟି' ବା ଶିକ୍ଷା କ୍ଷେତ୍ରରେ ଦାରିଦ୍ର୍ୟ ବୋଲି କୁହାଯାଉଛି ।

ଭାରତରେ ଲର୍ଣ୍ଣିଂ ପଭର୍ଟି ହାର ୫୬ ପ୍ରତିଶତ ; ଅର୍ଥାତ୍ ଅଧାରୁ ଅଧିକ ଛାତ୍ର ବହି ପଢ଼ିବାରେ ଅକ୍ଷମ ବୋଲି ବିଶ୍ୱବ୍ୟାଙ୍କ ଦର୍ଶାଉଛି । ଏହି ପରିମାଣ ଚୀନ୍ ଓ ଶ୍ରୀଲଙ୍କା ତୁଳନାରେ ବି ଖୁବ୍ ଅଧିକ । ଏହି ଦୁଇ ଦେଶରେ ଲର୍ଣ୍ଣିଂ ପଭର୍ଟି ପରିମାଣ ୧୫ରୁ ୧୮ ପ୍ରତିଶତ ମଧ୍ୟରେ ବୋଲି ଦର୍ଶାଯାଇଛି ।

ଦେଶର ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକଙ୍କ ସଂଖ୍ୟା ପ୍ରାୟ ୧୦ ଲକ୍ଷ । ସେମାନଙ୍କ ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୫୧.୩ ପ୍ରତିଶତ ହୋଇଥିବା ବେଳେ ଘରୋଇ ବିଦ୍ୟାଳୟରେ ୩୭.୨ ପ୍ରତିଶତ । ସରକାରୀ ସହାୟତାରେ ଚାଲିଥିବା ଘରୋଇ ବିଦ୍ୟାଳୟରେ ନିଯୁକ୍ତ ଅଛନ୍ତି ୮.୪ ପ୍ରତିଶତ ଶିକ୍ଷକ । ଗୁରୁତ୍ୱପୂର୍ଣ୍ଣ ହେଉଛି, ସରକାରୀ ଶିକ୍ଷକଙ୍କ ମଧ୍ୟରୁ ୪ ପ୍ରତିଶତ ଓ ଘରୋଇ ଶିକ୍ଷକଙ୍କ ମଧ୍ୟରୁ ୧୬ ପ୍ରତିଶତଙ୍କର ପେସାଦାର ଯୋଗ୍ୟତା ନଥିବା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍ସ ସୂତ୍ରରୁ ପ୍ରକାଶ । ସେହିଭଳି ଶିକ୍ଷକ-ଛାତ୍ର ଅନୁପାତ ମଧ୍ୟ କମ୍ ରହିଛି । ଦେଶର ୧୮ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାଥମିକ ସ୍ତରରେ ୨୦ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ଅଛନ୍ତି । ଅନ୍ୟ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଅନୁପାତ ଶିକ୍ଷକଙ୍କ ସଂଖ୍ୟା ୨ କମ୍ । ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୩୦ ଜଣରେ ଜଣେ ଶିକ୍ଷକ କାର୍ଯ୍ୟରତ । ମାଧ୍ୟମିକ ଶ୍ରେଣୀରେ ୩୪ଟି ରାଜ୍ୟରେ ୩୦ରେ ଜଣେ ଶିକ୍ଷକ ଅଛନ୍ତି । ଏଭଳି ହିସାବ ଦେଖିଲେ ଓଡ଼ିଶାର ସ୍ଥିତି ଦୟନୀୟ । ଅନେକ ବିଦ୍ୟାଳୟ ଜଣେ ଶିକ୍ଷକଙ୍କୁ ନେଇ ଚାଲିଛି । ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଦେଶରେ ପ୍ରାୟ ୭ ଲକ୍ଷ ୪୮ ହଜାର ଶିକ୍ଷକ ପଦ ଫାଙ୍କା ଥିବା ସରକାରୀ ସୂତ୍ରରୁ ପ୍ରକାଶ । ପୂର୍ବ ବର୍ଷ ଏହି ସଂଖ୍ୟା ଥିଲା ୧୦ଲକ୍ଷ ୩୭ ହଜାର । ସେଥିଯୋଗୁଁ ୫ପ୍ରତିଶତରୁ ଅଧିକ ଶିକ୍ଷକ ଚାପରେ ରହୁଥିବା ପ୍ରକାଶ । ଅପରପକ୍ଷରେ ନିମ୍ନ ମାନର ପାଠପଢ଼ା ଯୋଗୁ ସରକାରୀ ବିଦ୍ୟାଳୟରୁ ଅନେକ ମୁହଁ ଫେରାଉଛନ୍ତି ଏବଂ ଏହି କାରଣରୁ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଚାଲିଛି । ଗତ ଦୁଇ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦ପ୍ରତିଶତରୁ ଅଧିକ ହ୍ରାସ ପାଇଥିବାବେଳେ ବିଦ୍ୟାଳୟ ୧୦ହଜାରରୁ ଅଧିକ ବନ୍ଦ ହେଲାଣି । କେନ୍ଦ୍ର ସରକାର ଶିକ୍ଷାର ମାନ ବୃଦ୍ଧି ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ବହୁବିଧ ଉଦ୍ୟମ ଜାରି ରଖିଛନ୍ତି । ବିଶେଷକରି ପାଠ୍ୟଖସଡ଼ାର ପୁନର୍ଗଠନ, ଛାତ୍ର ଶିକ୍ଷକ ଅନୁପାତ ୩୦-୧ରୁ ୨୫-୧କୁ ବୃଦ୍ଧି ପ୍ରମୁଖ ଲକ୍ଷ୍ୟ ରହିଛି । ଡିଜିଟାଲ ମାଧ୍ୟମରେ ସମସ୍ତଙ୍କ ପାଖରେ ଶିକ୍ଷା ପହଞ୍ଚାଇବାର ଉଦ୍ୟମ ଅବ୍ୟାହତ ରହିଛି । 'ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ'କୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏହା ଯଥେଷ୍ଟ ହେଉ ନ ଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି ।



## ଏକ କର୍ତ୍ତବ୍ୟ ଓ ଘୃଣାର ସ୍ଥାନ ନାହିଁ

**ମହାତ୍ମା ଗାନ୍ଧୀ**

**ବେ**ଳେ ବେଳେ ସହଯୋଗ ପରି ଅସହଯୋଗ ମଧ୍ୟ ଏକ କର୍ତ୍ତବ୍ୟରେ ପରିଣତ ହୋଇଯାଏ । ଯାହା ଜଣେ ମନୁଷ୍ୟ ଲାଗି ସର୍ବନାଶର କାରଣ ହେଉଛି ଅଥବା ତାକୁ ଦାସ କରି ରଖୁଛି, ଯାହା ସହିତ ସହଯୋଗ ଲାଗି କେହି ଆଦୌ ବାଧ୍ୟ ହେବ ନାହିଁ । ଅନ୍ୟମାନଙ୍କର ପ୍ରଚେଷ୍ଟାରେ ହାସଲ କରାଯାଉଥିବା ସ୍ୱାଧୀନତା, ସେହି ପ୍ରଚେଷ୍ଟାଟି ପ୍ରତ୍ୟାହୃତ ହୋଇଯିବା ପରେ ଉକ୍ତ ସ୍ୱାଧୀନତାକୁ କଦାପି ରଖିହେବ ନାହିଁ । ମାତ୍ର, ଅହିଂସ ଅସହଯୋଗ ଦ୍ୱାରା ସେହି ସ୍ୱାଧୀନତାକୁ ପ୍ରାପ୍ତ କରିବାର କଳାଟିକୁ ଶିକ୍ଷା କରିପାରିଲେ ସବାତଳେ ରହିଥିବା ବ୍ୟକ୍ତି ମଧ୍ୟ ତାହାର ଔଜ୍ଜ୍ୱଲ୍ୟକୁ ଅବଶ୍ୟ ଅନୁଭବ କରି ପାରିବ ।

ମୁଁ ପୂର୍ଣ୍ଣନିଶ୍ଚିତ ଯେ, ହିଂସା ଯାହାକୁ କଦାପି ହାସଲ କରି ପାରିବ ନାହିଁ, ଅହିଂସ ଅସହଯୋଗ ଦ୍ୱାରା ତାହା ଅବଶ୍ୟ ହାସଲ ହୋଇ ପାରିବ । ପରିଶେଷରେ ମନ୍ଦ ଆଚରଣକାରୀଙ୍କର ପରିବର୍ତ୍ତନ ଘଟାଇ ହିଁ ତାହା ହାସଲ ହୋଇ ପାରିବ । ଭାରତବର୍ଷରେ ଅହିଂସାର ପ୍ରୟୋଗ ଲାଗି ଆମେ ଆଗରୁ କେବେହେଲେ ଏକ ଆବଶ୍ୟକ ଏବଂ ଉପଯୁକ୍ତ ସୁଯୋଗ ଦେଇ ନାହୁଁ । ଆଶ୍ଚର୍ଯ୍ୟ କଥା ହେଉଛି ଯେ, ଆମର ଏହି ମିଶ୍ରିତ ଅହିଂସା ଦ୍ୱାରା ମଧ୍ୟ ଆମେ ଏତେ ବେଶୀ ହାସଲ କରି ପାରିଛୁ । ମୁଁ ଧର୍ମର ଏହି ଛାଞ୍ଚ ଭିତରେ ଅହିଂସାର ଉପସ୍ଥାପନା କରିଛି, କାରଣ, ମୋ' ଭିତରେ ରହିଥିବା ଧର୍ମୀୟ ସମ୍ଭାବନାକୁ ତାହା ଯେତିକି ପରିମାଣରେ ବିକଶିତ କରାଇ ପାରୁଛି, କେବଳ ସେହି ପରିମାଣରେ ହିଁ ମୁଁ ରାଜନୀତି ମଧ୍ୟକୁ ପ୍ରବେଶ କରୁଛି । ମୋ ଅସହଯୋଗ ପଛରେ ଏତେ ଟିକିଏ ସୁଯୋଗ ପାଇବା ମାତ୍ରକେ ଖରାପକୁ ଖରାପ ପ୍ରତିପକ୍ଷମାନଙ୍କ ସହିତ ସହଯୋଗ କରିବାର ଆନ୍ତରିକତମ ବାସନାଟି ନିହିତ ହୋଇ ରହିଥାଏ । ସତତ ଈଶ୍ୱରଙ୍କର କରୁଣା ଆବଶ୍ୟକ କରୁଥିବା ମୋ' ଭଳି ଜଣେ ଅତ୍ୟନ୍ତ ଅପୂର୍ଣ୍ଣତାଯୁକ୍ତ ମନୁଷ୍ୟର ବିଚାର ଅନୁସାରେ କୌଣସି ଜଣେ ମନୁଷ୍ୟ ମଧ୍ୟ ବିମୋଚିତ ହେବାର ସମ୍ଭାବନାର ବାହାରେ ନଥାଏ ।

ମୋ ଠାରୁ କୌଣସି ପ୍ରକାର କପଟତା ଆଦୌ କୌଣସି ସମର୍ଥନ ପାଇବ ନାହିଁ । ମୋ' ବିଚାରରେ ସତ୍ୟାଗ୍ରହର ମାର୍ଗ ହେଉଛି ଭଲପାଇବାର ମାର୍ଗ, ଏହା ଏକ ଚିରନ୍ତନ ସତ୍ୟ । ଯାହା କିଛିଭଲ, ମୁଁ ତାହା ସହିତ ଅବଶ୍ୟ ସହଯୋଗ କରିଥାଏ । ଯାହାକିଛି ମନ୍ଦ, ତାହା ସହିତ ମୁଁ ଅସହଯୋଗ କରିବାର ବାସନା ରଖିଥାଏ ।

ପ୍ରାର୍ଥନାମୟ ଶୃଙ୍ଖଳାର ଏକ ଦୀର୍ଘ ଜୀବନଚାରଣା ଦ୍ୱାରା ଗତ ଚାଳିଶ ବର୍ଷ ହେଲା ମୁଁ କାହାକୁ ଘୃଣା କରିବାରୁ ନିଜକୁ ନିବୃତ୍ତ କରି ରଖିଛି । ଏହା ଯେ ଏକ ଅତି ବୃହତ୍ ଦାବି, ମୁଁ ସେକଥା ହୃଦୟଙ୍ଗମ କରିପାରୁଛି । ତଥାପି, ସକଳ ବିନୟ ସହିତ ମୁଁ ଏହି ଦାବି କରୁଛି । ମାତ୍ର, ଯେଉଁଠାରେ ହେଉ ପଛକେ, ଯେଉଁଠି ଯେତେ ଯାହା ମନ୍ଦ ରହିଛି, ମୁଁ ତାହାକୁ ଘୃଣା କରି ପାରିବି ଓ କରୁଛି ।

ଘୃଣାରେ ନୁହେଁ, ଭଲ ପାଇବା ଉପରେ ହିଁ ମୋର ଅସହଯୋଗ ପ୍ରତିଷ୍ଠିତ ହୋଇ ରହିଛି । ମୋ'ର ବ୍ୟକ୍ତିଗତ ଜୀବନ ଧର୍ମ ଅଲଂଘନୀୟ ଭାବରେ ମୋ' ଲାଗି କାହାକୁ ଘୃଣା କରିବାକୁ ନିଷିଦ୍ଧ କରି ରଖିଛି । ଯେତେବେଳେ ମୋତେ ବାରବର୍ଷ ହୋଇଥିଲା, ସେତେବେଳେ ଗୋଟିଏ ସ୍କୁଲବହି ମାଧ୍ୟମରେ ମୁଁ ଏହି ସହଜ ଅଥଚ ସୁବୃହତ୍ ସତ୍ୟଟିକୁ ଶିକ୍ଷା କରିଥିଲି ଏବଂ ମୋର ସେହି ସଂପ୍ରତ୍ୟୟଟି ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି । ଏହା ମୋ'ଭିତରେ ପ୍ରତ୍ୟହ ବିକଶିତ ହୋଇ ଚାଲିଛି । ମୋ ଜୀବନରେ ଏକ ଜ୍ୱଳନ୍ତ ବାସନା ହୋଇ ରହିଛି ।

କୌଣସି ବସ୍ତୁ ପ୍ରତି ମୋ' ଭିତରେ ଯେ ଆନୁଗତ୍ୟହୀନତା ରହିଛି, ସେକଥା ମୋଟେ ନୁହେଁ, ମାତ୍ର ମୁଁ ଯାବତୀୟ ଅସତ୍ୟ, ଅନ୍ୟାୟୋଚିତ ତଥା ମନ୍ଦ ସବୁକିଛି ପ୍ରତି ତାହା ହିଁ ପ୍ରଦର୍ଶନ କରି ଆସିଛି । ଯେ ପର୍ଯ୍ୟନ୍ତ କୌଣସି ଅନୁଷ୍ଠାନ ମୋ'ର ତଥା ଜାତିର ଅଭିବୃଦ୍ଧି ଲାଗିଅନୁକୂଳ ହୋଇ ରହିଛି, ମୁଁ ସେ ପର୍ଯ୍ୟନ୍ତ ସେହି ଅନୁଷ୍ଠାନ ପ୍ରତି ଅନୁଗତ ରହିଛି । ମାତ୍ର, ସେହି ଅଭିବୃଦ୍ଧି ଲାଗି ଅନୁକୂଳ ହେବା ପରିବର୍ତ୍ତେ ତାହା ବାଧକରୂପେ କାର୍ଯ୍ୟ କରୁଛି ବୋଲି ଦେଖିପାରିବା ମାତ୍ରକେ ମୁଁ ତାହା ପ୍ରତି ନିଜର ଆନୁଗତ୍ୟକୁ ପ୍ରତ୍ୟାହାର କରି ନେବାକୁ ହିଁ ମୋ'ର ପରମ କର୍ତ୍ତବ୍ୟ ବୋଲି ଅନୁଭବ କରିଛି ।

ମୋ'ର ଅସହଯୋଗ ମୋ ଜୀବନଧର୍ମର ଏକ ଅଂଶ ହୋଇଥିଲେ ହେଁ ତାହା ହେଉଛି ସହଯୋଗର ଏକ ପୂର୍ବବର୍ତ୍ତୀ ସୋପାନ । ମୋ'ର ଅସହଯୋଗ ମାର୍ଗଗୁଡିକ ସହିତ, ବ୍ୟବସ୍ଥାଗୁଡିକ ସହିତ କେବେହେଲେ ମନୁଷ୍ୟମାନଙ୍କ ସହିତ ନୁହେଁ ଜଣେ ଡାୟରଙ୍କ ବିରୋଧରେ ମଧ୍ୟ ମୋ ମନରେ ଆଦୌ କୌଣସି ଅସଦଭାବନା ନ ଥାଇପାରେ । ଅସଦଭାବନାକୁ ମୁଁ ମନୁଷ୍ୟ ଲାଗି ତା' ସମ୍ମାନର ନିମ୍ନରେ ବୋଲି ବିଚାର କରେ ।

କେତେକ ବ୍ୟକ୍ତି ମୋତେ ମୋ ସମୟର ସବୁଠାରୁ ବଡ଼ ବିପ୍ଳବୀ ବୋଲି କହିଛନ୍ତି । ଏହା ମିଥ୍ୟା ହୋଇପାରେ, ମାତ୍ର ମୁଁ ନିଜକୁ ଜଣେ ବିପ୍ଳବୀ, ଜଣେ ଅହିଂସ ବିପ୍ଳବୀ ବୋଲି ଅବଶ୍ୟ ବିଶ୍ୱାସ କରେ । ଅସହଯୋଗ ହେଉଛି ମୋ' ବିପ୍ଳବର ମାର୍ଗ । ସଂପୃକ୍ତ ବ୍ୟକ୍ତିମାନଙ୍କର ସ୍ୱେଚ୍ଛାକୃତ ଅଥବା ବାଧ୍ୟ ସହଯୋଗ ବ୍ୟତୀତ କୌଣସି ବ୍ୟକ୍ତି ଧନ ଗଦାକରି ରଖିପାରିବ ନାହିଁ । ମୁଁ ହେଉଛି ସ୍ୱଭାବତଃ ଜଣେ ସହଯୋଗୀ, ମୋର ଅସହଯୋଗ ମଧ୍ୟ ସହଯୋଗ ଭିତରୁ ସକଳ ପ୍ରକାରର ନୀଚତା ଏବଂ ମିଥ୍ୟାକୁ ବାହାର କରିନେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ । କାରଣ, ସେଭଳି ସହଯୋଗକୁ ମୁଁ ଆଦୌ ଯଥାର୍ଥ ବୋଲି ବିଚାରେ ନାହିଁ ।

## ସ୍ୱାସ୍ଥ୍ୟ ପାଇଁ ଭଲ ଭେଣ୍ଡି

**ଭେଣ୍ଡି** ଏକ ବାରମାସୀ ପରିବା ହୋଇଥିଲେ ହେଁ, ବର୍ଷା ଦିନିଆ ଭେଣ୍ଡି ଖାଇବାକୁ ଖୁବ୍ ସ୍ୱାଦିଷ୍ଟ । ଭେଣ୍ଡିରେ ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ଯେତିକି ସ୍ୱାଦିଷ୍ଟ ଲାଗିଥାଏ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ରାମବାଣ ପରି କାମ କରିଥାଏ ।

ଭେଣ୍ଡିରେ ୭ ଗ୍ରାମ ସୋଡିୟମ, ୨୯୯ ଏମଜି ପୋଟାସିୟମ୍, ୭ ଗ୍ରାମ କାର୍ବୋହାଇଡ୍ରେଟ, ୩୨ ଜି. ଡାଇଟରୀ ଫାଇବର, ୧.୫ ଗ୍ରାମ ସୁଗାର, ୧.୯ ଗ୍ରାମ ପ୍ରୋଟିନ୍, ୧୪% ଭଟାମିନ୍ ଏ', ୩୮% ଭିଟାମନ୍ ସି, ୮% କ୍ୟାଲସିୟମ, ୩% ଆଇରନ, ୧୦% ଭିଟାମିନ୍ ବି-୬ ଓ ୧୪% ମ୍ୟାଗ୍ନେସିୟମ ରହିଥାଏ ।

ଭେଣ୍ଡିକୁ ଭଲ ଭାବରେ ଖଣ୍ଡ ଖଣ୍ଡ କରି କାଟି ଏକ ଗ୍ଲାସ ପାଣିରେ ସାରା ରାତି ଭିଜାଇ ଦିଅନ୍ତୁ । ପର ଦିନ ସକାଳୁ ଏହି ପାଣି ପିଅନ୍ତୁ । ଏହି ପାଣି ଇନସୁଲିନ୍ ପରି କାମ କରିଥାଏ ଓ ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିଥାଏ । ଭେଣ୍ଡିକୁ ଗରମ କରି ଏଥିରେ ଲୁଣ ଓ ଲେମ୍ବୁ ପକାଇ ସ୍ନାକ୍ସ ପରି ଖାଆନ୍ତୁ । ଏହାକୁ ରାନ୍ଧିବା ବେଳେ ଅଧିକ ତେଲ ଓ ମସଲାକୁ ପ୍ରୟୋଗ ଆଦୌ କରନ୍ତୁନି ।

ଭେଣ୍ଡିରେ ଖୁବ୍ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି ଯାହାକି ଶରୀରକୁ ଫ୍ରି ରେଡିକଲ୍ସ ଅଭାବରୁ ରକ୍ଷା କରିଥାଏ । ଏହା ବ୍ୟତୀତ ଏହା ଶରୀରରେ କ୍ୟାନସର ସେଲ୍ସର ବିକାଶର ଗତିକୁ ଧୀମା କରିଥାଏ, ଯାହାଦ୍ୱାରା କ୍ୟାନସରର ଭୟ ଖୁବ୍ କମ୍ କରି ଦେଇଥାଏ ।

୧ ଡାଟିଆ ଭେଣ୍ଡିରେ କେବଳ ୩୩ କ୍ୟାଲୋରି ରହିଥିବା କାରଣରୁ ଏହା ଓଜନ ବୃଦ୍ଧିକୁ କଣ୍ଟ୍ରୋଲ କରିଥାଏ । ଏହା ବ୍ୟତୀତ ଭେଣ୍ଡି ପାଣିକୁ ପିଇବା ଦ୍ୱାରା ଆପଣଙ୍କ ଓଜନ କମ୍ ହୋଇ ଯାଇଥାଏ । ଏହା ମେଟାବଲିଜମ୍ ଓ ପାଚନ କ୍ରିୟାକୁ ସଠିକ୍ ରଖିଥାଏ ।



ଭେଣ୍ଡିରେ ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଥାଏ, ଯାହା ସୁଗାର ଲେବଲକୁ କଣ୍ଟ୍ରୋଲ କରିବାରେ ସହାୟକ ହୋଇଥାଏ । ଏଥି ସହିତ ଘୋଳନଶୀଳ ଫାଇବର ରହିଥାଏ, ଯାହାକି ଗ୍ଲୁକୋଜକୁ ସୁଖାଇ ବ୍ଲଡ ସୁଗାର ଲେବଲକୁ ନିୟନ୍ତ୍ରଣରେ ରଖିଥାଏ ।

ଏଥିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ରହିଥାଏ, ଯାହାକି ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । ଏଥିରେ ଆପଣଙ୍କ ପେଟ ଫୁଲିବା, ପେଟ ମୋଡି ହେବା, କୋଷ୍ଠକାଠିନ୍ୟ, ଏସିଡିଟି, ଡାଇରିଆ ଆଦିରୁ ରକ୍ଷା ମିଳିଥାଏ ।

ବ୍ଲଡ ପ୍ରେସର ନିୟନ୍ତ୍ରଣ: ଭେଣ୍ଡିରେ ପୋଟାସିୟମର ଭରପୁର ମାତ୍ରା ରହିଥାଏ । ଯାହା ଶରୀରରେ ଫ୍ଲୁଇଡର ସ୍ତରକୁ ବାଲାନ୍ସ ରଖିଥାଏ । ଏଥି ସହିତ ରକ୍ତଚାପକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସହାୟକ ହୋଇଥାଏ । ଏହା ହୃଦକ୍ରିୟାକୁ ମଧ୍ୟ ସଠିକ୍ ରଖିଥାଏ ।

ପ୍ରତିଦିନ ଏହାର ପାଣି ପିଇବା,ଖାଇବା ଦ୍ୱାରା ହୃଦରୋଗର ଭୟ ଖୁବ୍ କମିଯାଇଥାଏ । ଏହା ବ୍ୟତୀତ ପ୍ରତିଦିନ ଏହାର ପାଣି ସେବନ କରିବାରେ ହାର୍ଟ ଆଟାକ୍ ଓ ଷ୍ଟ୍ରୋକର ଭୟରୁ ରକ୍ଷା ମିଳିଥାଏ ।

ଭ୍ରୁଣ ବିକାଶ ଲାଗି ଭେଣ୍ଡି ଖାଇବା ଖୁବ୍ ଜରୁରୀ । ଏଥିରେ ଫୋଲେଟ ରହିଥାଏ, ଯାହାକି ଭ୍ରୁଣକୁ ବିକଶିତ ହେବାକୁ ଦେଇଥାଏ । ଏହି କାରଣରୁ ଡାକ୍ତର ଗର୍ଭବତୀ ମହିଳାଙ୍କୁ ଭେଣ୍ଡି ଖାଇବାକୁ ପରାମର୍ଶ ଦେଇଥାନ୍ତି ।

ଯଦି ଆପଣଙ୍କୁ ଆନେମିଆ ସମସ୍ୟା ରହିଛି ତେବେ ପ୍ରତିଦିନ ଭେଣ୍ଡି ପାଣି ନିଶ୍ଚୟ ପିଅନ୍ତୁ ଓ ସପ୍ତାହକୁ ୩-୪ ଥର ଏହି ପାଣି ସେବନ କରନ୍ତୁ । ଏଥିରେ ଶରୀରର ରକ୍ତ ଅଭାବ ପୂରଣ ହେବ ଓ ଆନେମିଆ ସମସ୍ୟା ଦୂର ହୋଇଯିବ ।

ପ୍ରତିଦିନ ୧୦୦ ଗ୍ରାମ ଭେଣ୍ଡି ଖାଇବା ଦ୍ୱାରା ଇମ୍ୟୁନ୍ ସିଷ୍ଟମ ବଢ଼ିଥାଏ । ଏଥିରେ ଭିଟାମିନ୍ ସି' ଭରପୁର ମାତ୍ରାରେ ରହିଥାଏ, ଯାହା ଆପଣଙ୍କୁ ବଦଳୁଥିବା ଋତୁ ଜନିତ ସମସ୍ୟାରୁ ରକ୍ଷା କରିଥାଏ ।

# ସ୍ୱର୍ବେଦ

**ସହଜ ଯୋଗ ଅଭ୍ୟାସ ମେଁ,**
**ଅପରୋକ୍ଷ ପ୍ରଭୁ ରୂପ ।**
**ସନ୍ମୁଖ ଦର୍ଶନ ମିଲତୁ ହୈ,**
**ଅଦ୍‌ଭୁତ ପୁରୁଷ ଅନୂପ ॥୧୧॥**

ଭାଷ୍ୟ - ସହଜ ଯୋଗର ସାଧନ ଦ୍ୱାରା ପ୍ରଭୁଙ୍କର ପ୍ରତ୍ୟକ୍ଷ ସାକ୍ଷାତକାର ହୁଏ । ସେହି ଅଦ୍‌ଭୁତ ଏବଂ ଅନୁପମ, ସତ୍‌ପୁରୁଷଙ୍କର ସମ୍ମୁଖ ଏବଂ ପ୍ରତ୍ୟକ୍ଷ ଦର୍ଶନ ମିଳେ । ପ୍ରତ୍ୟକ୍ଷ ସାକ୍ଷାତକାର ଦର୍ଶନକୁ ଅପରୋକ୍ଷ କହନ୍ତି ।

**ପ୍ରକଟ ରୂପ ଜବ ଦୃଶ୍ୟ ହୈ, ଦ୍ରଷ୍ଟା ଦର୍ଶନ ଲେୟ ।**
**ସଂଶୟ ଭ୍ରମ କୁଛ ନହିଁ, ରହା, ଅପରୋକ୍ଷ ତତ୍ତ୍ୱ ଧ୍ୟେୟ ॥୧୨॥**

ଭାଷ୍ୟ - ଯେତେବେଳେ ଦୃଶ୍ୟ ପ୍ରକଟ ରୂପରେ ଏବଂ ଦ୍ରଷ୍ଟା ତାହାର ଦର୍ଶନ କରୁଛି ସେତେବେଳେ ଭ୍ରମ ସଂଶୟ କିଛି ରହେ ନାହିଁ ଏବଂ ଧ୍ୟେୟ ତତ୍ତ୍ୱ ଅପରୋକ୍ଷ, ସାକ୍ଷାତକାର ହୋଇଯାଏ । ଏହାକୁ ନିର୍ଭ୍ରାନ୍ତ ସତ୍ୟଜ୍ଞାନ କହନ୍ତି । ସେହି ସମୟରେ ଦ୍ରଷ୍ଟାର ସମ୍ମୁଖରେ କୌଣସି ଆଭରଣ ରହେ ନାହିଁ ।

**ସର୍ୱ କାମ ସଂସାର କା, ଜ୍ଞାନ କେ ପୀଛେ ହୋୟ ।**
**ବିନା ଜ୍ଞାନ ଧୋଖା ହୈ, ବ୍ୟର୍ଥ କର୍ମ ଦୁଖ ହୋୟ ॥୧୩॥**

ଭାଷ୍ୟ - ସଂସାରର ସମସ୍ତ କାର୍ଯ୍ୟ ଜ୍ଞାନର ପଶ୍ଚାତ୍ ହୋଇଅଛି । ଜ୍ଞାନ ବିନା କର୍ମ ପ୍ରବଞ୍ଚନା ସଦୃଶ ହୋଇଥାଏ ଯାହା ଫଳରେ ଆତ୍ମାକୁ ବ୍ୟର୍ଥର ଦୁଃଖ ଭୋଗିବାକୁ ପଡ଼େ ।

**ଅର୍ଥ ଧର୍ମମୟ କାମ ଜୋ, ମୋକ୍ଷ ଧାମ ନିର୍ୱାନ ।**
**ସଭୀ ଜ୍ଞାନ ଗୁରୁ ମିଲତ ହୈ, ଦୁଖ ଅଲଭ୍ୟ ଅଜ୍ଞାନ ॥୧୪॥**


ଭାଷ୍ୟ - ସଂସାରର ସମସ୍ତ ଅଲଭ୍ୟ ପଦାର୍ଥ ଧର୍ମ, ଅର୍ଥ, କାମ, ମୋକ୍ଷାଦି ଗୁରୁଙ୍କର ଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାନ୍ତି । ଫଳରେ ଜୀବନ ସୁଖ ସମୃଦ୍ଧି ଲାଭକରେ । ଅଜ୍ଞାନ ବିପରୀତ କର୍ମ ଯୋଗୁଁ ଦୁଃଖ ଏବଂ ଅଶାନ୍ତି ମିଳିଥାଏ । ସମସ୍ତ ପଦାର୍ଥ ଗୁରୁ ପ୍ରଦତ୍ତ ଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାଏ ।

**ଜ୍ଞାନ ଗୁରୁ ଉପଦେଶ ସେ, ଭକ୍ତି ଅନ୍ତ ୱିଜ୍ଞାନ ।**
**ସର୍ୱ ତତ୍ତ୍ୱ ସର୍ୱଜ୍ଞ ହୈ, ମହିମା ଭକ୍ତି ମହାନ ॥୧୫॥**

ଭାଷ୍ୟ - ସଦ୍‌ଗୁରୁଙ୍କର ଜ୍ଞାନ, ଉପଦେଶ, ଅନୁକୂଳ ଭକ୍ତି ମହାପଥ ଦ୍ୱାରା ସତ୍‌ପୁରୁଷଙ୍କର ପ୍ରାପ୍ତି ହୋଇଥାଏ ଯାହା ଦ୍ୱାରା ସମସ୍ତ ତତ୍ତ୍ୱର ପୂର୍ଣ୍ଣ ଏବଂ ଭ୍ରାନ୍ତିଶୂନ୍ୟ ଜ୍ଞାନ ହୋଇଥାଏ । ଏହା ଭକ୍ତିର ମହାନ ମହିମା ଅଟେ ।

**ବିନା ଯୋଗ ଅପରୋକ୍ଷ ନହିଁ, କେତୋ କରେ ଉପାୟ ।**
**ପୂର୍ଣ୍ଣ ବୋଧ ପୂରଣ ମିଲୈ, ଜ୍ଞାନ ଅନନ୍ତ ସମାୟ ॥୧୬॥**

ଭାଷ୍ୟ - ଏକମାତ୍ର ଯୋଗ ବିଜ୍ଞାନ ଦ୍ୱାରା ହିଁ ଅପରୋକ୍ଷ, ସାକ୍ଷାତକାର ହୁଏ ଅନ୍ୟ କୌଣସି ଉପାୟ ଦ୍ୱାରା ନୁହେଁ । ଯୋଗ ଦ୍ୱାରା ହିଁ ପୂର୍ଣ୍ଣ ଅନନ୍ତ ସତ୍‌ପୁରୁଷଙ୍କର ପ୍ରାପ୍ତି ହୁଏ । ଜ୍ଞାନର ଆଧାର ଅନନ୍ତ




ମହାପ୍ରଭୁ ଅଟେ, ତା ଭିତରେ ସମସ୍ତ ଜ୍ଞାନ ପୂରି ରହିଛି ।

**ଜ୍ଞାନ ଭକ୍ତି ୱୈରାଗ୍ୟ ହୈ, ଚେତନ ସହଜ ସ୍ୱଭାୱ ।**
**ପ୍ରକୃତି ଯୋଗ ଦୁର୍ଗୁଣ ଭୟେ, ମାୟୁ ଯୋଗ ଅଭାୱ ॥୧୭॥**

ଭାଷ୍ୟ - ଆତ୍ମାର ଶୁଦ୍ଧ ସ୍ୱରୂପରେ ହିଁ ଜ୍ଞାନ, ବୈରାଗ୍ୟ ଓ ଭକ୍ତି ହୋଇଥାଏ । ପ୍ରକୃତିର ସମ୍ବନ୍ଧରୁ ଏଥିରେ ଦୁର୍ଗୁଣ ଆସିଯାଏ । ମାତ୍ର ଶବ୍ଦ, ସତ୍‌ପୁରୁଙ୍କର ସଂଯୋଗରୁ ଏ ପ୍ରକୃତିଗୁଡ଼ିକର ଅଭାବ ହୋଇଯାଏ ।

**କାଷ୍ଠ ଅଗିନ ୱିଦ୍ୟମାନ ହୈ, ଅଗିନ ଯୋଗ ପରକାଶ ।**
**ନୀର ପାୟ ଅନ୍ଦର ଗଈ, ତିମି ଗୁଣ କର୍ମ ୱିକାଶ ॥୧୮॥**

ଭାଷ୍ୟ - କାଠରେ ନିଆଁ ଲୁଚି ରହିଥାଏ । ତାହା ଘର୍ଷଣ ହେଲେ ସେଥିରେ ଅଗ୍ନି ପ୍ରକଟ ହୁଏ ଆଉ ଜଳିଲେ ସେହି ନିଆଁ ଭିତରକୁ ଚାଲିଯାଏ । ସେହି ପ୍ରକାର ଯୋଗ ଦ୍ୱାରା ଆତ୍ମାର ଶକ୍ତି ପୂର୍ଣ୍ଣ ରୂପରେ ପ୍ରକଟ ହୁଏ ଓ ପ୍ରକୃତି ସହିତ ସମ୍ବନ୍ଧ ହେବା ଫଳରେ ସେହି ଶକ୍ତି ଭିତରେ ଲୁଚିଯାଏ । ଯୋଗ ସଂଘର୍ଷରୁ ଆତ୍ମାର ସମସ୍ତ ଚେତନ ଗୁଣ ପ୍ରକଟ ହୋଇଯାଏ ଆଉ ପ୍ରକୃତି ସମ୍ବନ୍ଧୀୟ ଗୁଣ ଦୂର ହୋଇଯାଏ । ଏହାକୁ ଶୁଦ୍ଧ ଆତ୍ମପ୍ରକାଶ କହନ୍ତି, ଯେଉଁଠି ଆତ୍ମା ସହ ପ୍ରକୃତିର ନିତାନ୍ତ ସମ୍ବନ୍ଧ ଛାଡ଼ିଯାଏ ।

**ପ୍ରାଜ୍ଞ ଭାୱ ଜବ ଜ୍ଞାନ କା, ତବ ପୀଛେ ୱୈରାଗ ।**
**ଭକ୍ତି ଅଚଲ ଦୃଢ଼ ତବ ଭଈ, ଚଲା ୱିରହ ଅନୁରାଗ ॥୧୯॥**

ଭାଷ୍ୟ - ଜ୍ଞାନର ପ୍ରଥମେ ପ୍ରକଟ ହେବା ପରେ ହିଁ ବୈରାଗ୍ୟ ପ୍ରକଟ ହୁଏ ଏବଂ ବିରହ ସହିତ ପ୍ରେମର ପୂର୍ଣ୍ଣ ଯୁକ୍ତ ହେଲେ ହିଁ ଅଚଳ ଦୃଢ଼ ଭକ୍ତି ହୋଇଥାଏ ।

**ଜ୍ଞାନ ଔର ୱୈରାଗ ବିନ, ଭକ୍ତି କବହୁ ନହିଁ ହୋୟ ।**
**ବିନା ଯୋଗ ୱିଜ୍ଞାନ ନହିଁ, ଯହ ଗତି ଜାନେ କୋୟ ॥୨୦॥**

ଭାଷ୍ୟ - ଜ୍ଞାନ ଓ ବୈରାଗ୍ୟର ବିନା ଭକ୍ତି କେବେହେଲେ ହୋଇପାରେ ନାହିଁ ଆଉ ଯୋଗ ବିନା ସମ୍ପୂର୍ଣ୍ଣ ତଥା ନିର୍ଭ୍ରାନ୍ତ ସାକ୍ଷାତକାର ହୋଇ ନ ଥାଏ । ଯୋଗ ଦ୍ୱାରା ହିଁ ସମସ୍ତ ତତ୍ତ୍ୱର ବିଜ୍ଞାନ ସାକ୍ଷାତକାର ହୋଇଥାଏ, ଏହି ଅନୁଭବ ଯୋଗ ରହସ୍ୟର ଗତିକୁ କେହି ବିରଳ ସଦ୍‌ଗୁରୁ ଶରଣ, ଅଧୀନ ଭକ୍ତ ଜାଣିଥାଏ ।

**ଭକ୍ତି ଜ୍ଞାନ ହୈ ଜ୍ଞାନ ସେ, ତ୍ୟାଗ ଜ୍ଞାନ ହୈ ଜ୍ଞାନ ।**
**ଜ୍ଞାନ ଜ୍ଞାନ ହୈ ଜ୍ଞାନ ସେ, ବ୍ରହ୍ମଜ୍ଞାନ ହୈ ଜ୍ଞାନ ॥୨୧॥**

ଭାଷ୍ୟ - ଭକ୍ତି ଓ ତ୍ୟାଗର ଜ୍ଞାନ, ଜ୍ଞାନ ଦ୍ୱାରା ହୋଇଥାଏ । ଜ୍ଞାନ ଦ୍ୱାରା ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ହୋଇଥାଏ । ଜ୍ଞାନରୁ ହିଁ ଜ୍ଞେୟ ବସ୍ତୁକୁ ଜାଣିହୁଏ ଅର୍ଥାତ୍ ଜ୍ଞାନ ଦ୍ୱାରା ହିଁ ଜ୍ଞାନର ଜ୍ଞାନ ହୋଇଥାଏ । ପରଂବ୍ରହ୍ମଙ୍କର ଜ୍ଞାନ ମଧ୍ୟ ଜ୍ଞାନରୁ ହୋଇଥାଏ । ଜ୍ଞାନ ସମସ୍ତଙ୍କର ମୂଳ ପ୍ରକାଶ ଅଟେ । ଜ୍ଞାନ ବିନା ସବୁ ଅନ୍ଧକାର ଅଟେ ।

**ସର୍ୱ ବୋଧ ହୈ ଜ୍ଞାନ ସେ, ସର୍ୱ ସୋଧ ହୈ ଜ୍ଞାନ ।**
**ଦର୍ଶେ ସପ୍ତଥ ଜ୍ଞାନ ସେ, ଜ୍ଞାନ ସେ ଅନୁଭୱ ଧ୍ୟାନ ॥୨୨॥**

ଭାଷ୍ୟ - ସମସ୍ତ ତତ୍ତ୍ୱଗୁଡ଼ିକର ଅନ୍ୱେଷଣ ଓ ସେମାନଙ୍କର ଯଥାର୍ଥ ବୋଧ ଜ୍ଞାନ ଦ୍ୱାରା ହୋଇଥାଏ । ଜ୍ଞାନ ଦ୍ୱାରା ହିଁ ଅନୁଭବ ଚେତନ ପଥ ଦୃଷ୍ଟିଗୋଚର ହୋଇଥାଏ ଏବଂ ସତ୍ୟର ଯଥାର୍ଥ ଅନୁଭବ ଅର୍ଥାତ୍ ସାକ୍ଷାତ୍‌କାର ଦର୍ଶନ ହୋଇଥାଏ ।

**ଜ୍ଞାନ ତୋ ଜୀୱନ ଚକ୍ଷୁ ହୈ, ଜ୍ଞାନ ପଂଥ ପରକାଶ ।**
**ଜ୍ଞାନ ତୋ ଯୋଗ ଅଧାର ହୈ, ଜ୍ଞାନ ବିନା ସବ ନାଶ ॥୨୩॥**

ଭାଷ୍ୟ - ଜ୍ଞାନ ଦ୍ୱାରା ଜୀବନର ସମସ୍ତ କର୍ତ୍ତବ୍ୟ ମାର୍ଗ ଦୃଷ୍ଟିଗୋଚର ହୁଏ ଓ ପ୍ରାଣୀର ଅଗ୍ରଗତି ହୋଇ ବିକାଶ ହୋଇଥାଏ । ଜ୍ଞାନ ହିଁ ମାର୍ଗକୁ ଆଲୋକିତ କରେ ତଥା ଜ୍ଞାନ ହିଁ ଯୋଗର ଆଧାର ଅଟେ । ଜ୍ଞାନ ବିନା ସମସ୍ତ କର୍ତ୍ତବ୍ୟ ପଥ ଅନ୍ଧକାରମୟ ହୋଇଯାଏ, ଯାହା ଫଳରେ ମାନବ ଜୀବନ ନଷ୍ଟ ହୋଇଯାଏ । ଜ୍ଞାନ ହିଁ ଜୀବନର ଉନ୍ନତି ନିମନ୍ତେ ସାଧନ ଅଟେ ।

**ଜ୍ଞାନ ସେ ତପସୀ ତପ କରେ, ଜ୍ଞାନ ଜପୀ କା ଜାପ ।**
**ଜ୍ଞାନ ସେ କରମୀ ଯଜ୍ଞ କର, ଜ୍ଞାନ ପ୍ରାୟଶ୍ଚିତ ପାପ ॥୨୪॥**

ଭାଷ୍ୟ - ଜ୍ଞାନ ଉଦୟ ହେଲେ ତପସ୍ୱୀ କଠିଣ ପରିଶ୍ରମ କରି ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରେ । ଜ୍ଞାନ ଦ୍ୱାରା ହିଁ ଜପୀ ନିଜ ମନ୍ତ୍ର ଜପ କରେ ଏବଂ ଜ୍ଞାନ ଦ୍ୱାରା କର୍ମକାଣ୍ଡୀ ଯଜ୍ଞ କରିଥାଏ ତଥା ପାପକର୍ମ କରିଥିବା ବ୍ୟକ୍ତି ପ୍ରାୟଶ୍ଚିତ କରି ଜୀବନକୁ ପବିତ୍ର କରିବା ପାଇଁ ସଂକଳ୍ପ କରେ ।

**ଜ୍ଞାନ ସେ ଦାତା ଦାନ ଦେ, ଜ୍ଞାନ ପ୍ରତିଗ୍ରହ ଲେୟ ।**
**ଜ୍ଞାନ ନୀତି ହୈ ରଷ୍ଟ୍ର କୀ, ଜ୍ଞାନ ସକଲ ସୁଖ ଦେୟ ॥୨୫॥**

ଭାଷ୍ୟ - ଜ୍ଞାନରୁ ହିଁ ଦାତା ଦାନ କରେ ଏବଂ ଜ୍ଞାନ ଦ୍ୱାରା ହିଁ ଦାନଗ୍ରହୀତା ଗ୍ରହଣ କରେ । ଜ୍ଞାନ ଦ୍ୱାରା ହିଁ ରାଷ୍ଟ୍ରର ନୀତିର ନ୍ୟାୟ ବ୍ୟବହାର ଚାଲେ ଏବଂ ଜ୍ଞାନ ହିଁ ସମସ୍ତ ସୁଖ ପ୍ରଦାନକାରୀ ଅଟେ ।

**ଜ୍ଞାନ ବିନା ନିର୍ଜୀବ ହୈ, ସକଲ ଧର୍ମ କା ରୂପ ।**
**ଜ୍ଞାନ ସେ ଅନୁଭୱ ହୋତ ହୈ, ସାରଶବ୍ଦ କା ରୂପ ॥୨୬॥**

ଭାଷ୍ୟ - ଜ୍ଞାନ ବିନା ସମସ୍ତ ଧର୍ମର ସ୍ୱରୂପ ଜୀବନହୀନ ଅଟେ । ଜ୍ଞାନ ଦ୍ୱାରା ସତ୍‌ପୁରୁଷଙ୍କର ଅସ୍ତିତ୍ୱର ସାକ୍ଷାତ୍‌କାର ହୋଇଥାଏ । ଶବ୍ଦ ସ୍ୱରୂପ ସତ୍‌ପୁରୁଷଙ୍କର ପ୍ରାପ୍ତି ଜ୍ଞାନ ଦ୍ୱାରା ଅନୁଭବରେ ହୋଇଥାଏ ।

**ଜ୍ଞାନ ସେ ମୁକ୍ତି ଭୁକ୍ତି ହୈ, ଜ୍ଞାନ ସେ ହୈ ସୁଖ ଶାନ୍ତି ।**
**ଜ୍ଞାନ ସେ ଜନ୍ମ ସୁଧାର ହୈ, ଜ୍ଞାନ ସେ ଉଜ୍ୱଲ କାନ୍ତି ॥୨୭॥**

ଭାଷ୍ୟ - ଜ୍ଞାନରୁ ହିଁ ମୁକ୍ତି ଭୁକ୍ତି ଏବଂ ସୁଖ ଶାନ୍ତି ମିଳେ । ଜ୍ଞାନ ଦ୍ୱାରା ହିଁ ଜୀବନ ସୁଧାର ହୋଇ ଉଜ୍ୱଳ କାନ୍ତି ପ୍ରାପ୍ତ ହୁଏ ଓ ଜୀବନ ଉତ୍ତମ ଚରିତ୍ର ଦ୍ୱାରା ସୁଶୋଭିତ ହୁଏ ।

**ଜ୍ଞାନ ଯୁକ୍ତି ଭକ୍ତୀ କରେ, ତିକ୍ଷଣ ଲେ ୱୈରାଗ ।**
**କୃତକୃତ୍ୟ ୱର ହଁସ ସୋ, ସଦ୍‌ଗୁରୁ ପଦ ଅନୁରାଗ ॥୨୮॥**

ଭାଷ୍ୟ - ସଦ୍‌ଗୁରୁପଦର ଅନୁରାଗୀ ତୀକ୍ଷ୍ଣ ବୈରାଗ୍ୟ ନେଇ ଚେତନ ବିହଙ୍ଗମ ଯୋଗର ଯୁକ୍ତିରେ ପ୍ରଭୁଙ୍କର ଭକ୍ତି କରେ ଏବଂ ଲକ୍ଷ୍ୟକୁ ପୂରଣ କରି କୃତକୃତ୍ୟ ହୋଇଯାଏ ।

**ସଦ୍‌ଗୁରୁ ଜ୍ଞାନ ସ୍ୱରୂପ ହୈ, ସୋ ମହାନନ୍ଦ ଆୟ ।**
**ଦେୱ ସଦାଫଲ ଗୁରୁ ୱିନା, ତତ୍ତ୍ୱ ଜ୍ଞାନ ନହିଁ ପାୟ ॥୨୯॥**


ଭାଷ୍ୟ - ସଦ୍‌ଗୁରୁ ଜ୍ଞାନ ସ୍ୱରୂପ ଅଟନ୍ତି ଯାହାଙ୍କର ଭିତରେ ଈଶ୍ୱରୀୟ ଜ୍ଞାନଧାରା ପ୍ରକଟ ହୋଇଥାଏ । ତାଙ୍କ ଦ୍ୱାରା ଶୁଦ୍ଧ, ପବିତ୍ର ଏବଂ ନିର୍ଭ୍ରାନ୍ତ ଜ୍ଞାନ ପ୍ରାପ୍ତ ହୋଇଥାଏ । ସଦ୍‌ଗୁରୁ ବିନା ଜ୍ଞାନର ପ୍ରାପ୍ତି କଦାପି ହୋଇ ନ ଥାଏ ।

॥ ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ, ଚତୁର୍ଥ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

## ଦେହ ପାଇଁ ତେଜପତ୍ର

ତେଜପତ୍ରକୁ ବାଟି ଚର୍ମରେ ଲଗାଇଲେ ଚର୍ମରୋଗ ହୋଇ ନ ଥାଏ ।

ବିଭିନ୍ନ ବ୍ୟଞ୍ଜନରେ ଏହି ପତ୍ରକୁ ମସଲା ଭାବେ ବ୍ୟବହାର କରି ଖାଇଲେ ଶରୀରରେ ରକ୍ତ ସଞ୍ଚାଳନ ଉତ୍ତମ ଭାବରେ ହୁଏ । ବାଲଟିଏ ପାଣିରେ ତେଜପତ୍ର ୧୫ ମିନିଟ୍ ବତୁରାଇ ସ୍ନାନ କଲେ ଚର୍ମରୋଗ ହୋଇ ନଥାଏ ।



ଥଣ୍ଡାଜନିତ ମୁଣ୍ଡବ୍ୟଥା ସମୟରେ ତେଜପତ୍ର ବାଟି ମଥାରେ ଲଗାଇଲେ ମୁଣ୍ଡବ୍ୟଥାରୁ ଉପଶମ ମିଳେ । କାଶ ହେଲେ ତେଜପତ୍ର ଓ ଅଳ୍ପ ମିଶ୍ରିକୁ ମିଶାଇ ପାଣିରେ ଫୁଟାଇ, ସେହି ପାଣିକୁ ଥଣ୍ଡା କରି ପିଇଲେ କାଶରୁ ରକ୍ଷା ମିଳେ । ମଧୁମେହ ରୋଗୀ ତେଜପତ୍ର ଫୁଟା ପାଣିକୁ ନିୟମିତ ପିଇଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ । ତେଜ ପତ୍ର ରୋଷେଇରେ ବ୍ୟବହୃତ ହେଲେ ହଜମ କ୍ଷମତା ବୃଦ୍ଧି କରାଏ ।

## ମହୁର ଚମତ୍କାରୀତା



ମହୌଷଧି ମହୁକୁ ନିୟମିତ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ପରାମର୍ଶରେ ପିଲାଠାରୁ ବୟସ୍କ ଆବଶ୍ୟକ ପରିମାଣରେ ମହୁ ଖାଇବା ଉଚିତ ।

୧ ଚାମଚ ମହୁରେ ଅଧ ଚାମଚ ପାଣି ମିଶାଇ କେଶରେ ଲଗାନ୍ତୁ । ୧୫ ମିନିଟ୍ ପରେ କେଶ ଶ୍ୟାମ୍ପୁ କଲେ କେଶ କୋମଳ ହେବା ସହ ଚମକପ୍ରଦ ହୁଏ ।

ମହୁ, ପାଣି ଓ ଭିନେଗାରକୁ ସମାନ ଭାବରେ ମିଶାଇ ସ୍ପ୍ରେ ପରି ଗଛରେ ପକାନ୍ତୁ । ଏହା ଏକ କୀଟନାଶକ ଭଳି କାମ କରେ ।

ବ୍ରଣକୁ ତୁରନ୍ତ ଦବାଇବାକୁ ଚାହୁଁଥିଲେ ଆଙ୍ଗୁଠି ଟିପରେ ମହୁ ନେଇ ବ୍ରଣ ସ୍ଥାନରେ ଲଗାନ୍ତୁ । ଦେଖିବେ ବ୍ରଣ ଦବିଯିବ ।

ସୁଗାର ଫ୍ରି ବଦଳରେ ମଧୁମେହ ରୋଗୀ ଖାଦ୍ୟପେୟରେ ମହୁ ବ୍ୟବହାର କରିବା ଉଚିତ । ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ ।

ନିଦ୍ରାହୀନତା ରୋଗୀ ଅଧ ଚାମଚ ମହୁରେ ସାମାନ୍ୟ ଲୁଣ ମିଶାଇ ଖାଇଲେ ଭଲ ନିଦ ହୋଇଥାଏ ।

ଶରୀରର କୌଣସି ଜାଗା କଟିଗଲେ, ତୁରନ୍ତ ମହୁ ଲଗାଇଲେ ତାହା ଆଣ୍ଟିସେପଟିକ୍ ଭାବେ କାମ କରେ ।

ଶରୀରର ତ୍ୱଚାକୁ ସଫା କରିବାକୁ ହେଲେ ୩ ଚାମଚ ମହୁ ଓ ୨ ଚାମଚ ଅଲିଭ ତେଲକୁ ନେଇ ବାଲଟିଏ ପାଣିରେ ମିଶାନ୍ତୁ । ଏହି ପାଣିରେ ଗାଧୋଇଲେ ତ୍ୱଚା ସଫା ହୁଏ ।

ଅତ୍ୟଧିକ ଉଦବେଗରେ ଥିଲେ ୧ କପ୍ ଚାହାରେ ଅଧ ଚାମଚ ମହୁ ମିଶାଇ ପିଇଲେ ଉପଶମ ମିଳେ ।

ଦୁର୍ବଳ ଲାଗିଲେ ୧ ଚାମଚ ମହୁ ଖାଇଲେ ଶରୀରକୁ ଶକ୍ତି ମିଳେ ।

## ଟିକିଏ ହସନ୍ତୁ

ମୋହନ କବାଟ ଖୋଲି ଦେଖିଲା ତା ସ୍ତ୍ରୀ ବାପଘରୁ ଫେରିଆସିଛି । ଆଉ ହସିବା ଆରମ୍ଭ କରିଦେଲା ।

ଏହା ଦେଖି ସ୍ତ୍ରୀ : ତମେ ମତେ ଦେଖି ଏମିତି ପାଗଳଙ୍କ ଭଳି ହସୁଛ କ'ଣ ?

ସ୍ୱାମୀ : ବଡ଼ ଲୋକମାନେ କହିଛନ୍ତି ପରା ସମସ୍ୟାକୁ ହସିକି ସାମ୍ନା କରିବା ଉଚିତ ।

× × × ×

ଭିକାରୀ ବିଏମ୍‌ଡବ୍ଲୁ କାର୍ ବସିଥିବା ଜଣେ ମହିଳାଙ୍କୁ : ମା' ଏଇ ଗରିବ ଭିକାରୀକୁ କିଛି ଦିଅ ।

ମହିଳା : ନିଅ ୧୦ ଟଙ୍କା । ଭିକାରୀ ଟଙ୍କା ନେଇ ଚାଲିଗଲା ।

କିଛି ବାଟ ଯିବାପରେ ମହିଳା ପାଟି କରି : ଟଙ୍କା ଦେଲି କିଛି ଆଶୀର୍ବାଦ ତ ଦିଅ ।

ଭିକାରୀ : ବିଏମ୍‌ଡବ୍ଲୁରେ ବସିଛ । ଆହୁରି କ'ଣ ରକେଟ୍‌ରେ ବସିବାକୁ ଇଚ୍ଛା ନା କ'ଣ ?

× × × ×

ପ୍ରେମିକା : ଚାଲ ନା ଜାନୁ, ମ୍ୟାକଡୋନାଲ୍ଡ ଯିବା ।

ପ୍ରେମିକ : ପ୍ରଥମେ ମ୍ୟାକଡୋନାଲ୍ଡର ସେଲିଂ କୁହ, ତା'ପରେ ଯାଇ ଯିବା ।



ପ୍ରେମିକା : ଛାଡ, ସେଠି ଯିବାନି କେଏଫସି ଯିବା ।

ପ୍ରେମିକ : କେଏଫ୍‌ସିର ଫୁଲ୍‌ଫର୍ମ କୁହ ।

ପ୍ରେମିକା : କଞ୍ଜୁସ୍ କୋଉଠିକାର । ରାସ୍ତା କଡର ସିଙ୍ଗଡା ତ ଖାଇବାକୁ ଦେ, ।

× × × × ×

ରାଜୁ ହୋମ୍‌ୱାର୍କ କରୁଥାଏ । ଏହା ଦେଖି ତା' ବାପା ଆସି କହିଲେ, 'ରାଜୁ, ତୁ ମନ ଲଗାଇ ପାଠ ପଢ଼ । ପାଠ ପଢ଼ି ଓକିଲ ହେବୁ ।' ରାଜୁ ପଚାରିଲା କାହିଁକି ବାପା ? ସେ ଉତ୍ତର ଦେଲେ, ତୁ ଭବିଷ୍ୟତରେ ଓକିଲ ହେଲେ ମୋ କଳା କୋଟ୍ ତୋ କାମରେ ଆସିବ ।

× × × ×

ସ୍କୁଲରେ ବିଜ୍ଞାନ ଶିକ୍ଷକ ରୋହିତକୁ ପଚାରିଲେ, ଆରେ ତୁ ଆଜି ବି ଘୋଷିଲୁ ନାହିଁ ? ପରୀକ୍ଷା କେମିତି ଦେବୁ ? ରୋହିତ ଉତ୍ତର ଦେଲା- ସାର୍, ମୁଁ କାଲି ପଢୁଥିଲି ହେଲେ କିଛି ସମୟ ପରେ ଲାଇନ୍ କଟିଗଲା । ଶିକ୍ଷକ କହିଲେ-କରେଣ୍ଟ ଆସିବା ପରେ ପଢ଼ିଲୁନି ? ରୋହିତ କହିଲା, ସାର୍ ମୁଁ ଚାହୁଁ ନ ଥିଲି ମୋ ପାଇଁ ପୁଣି ଥରେ କରେଣ୍ଟ ଚାଲିଯାଉ ।

× × × ×

ଏକଦା ଦୁଇ ଜଣ ସାଙ୍ଗ ପରସ୍ପର ଭିତରେ କଥା ହେଉଥିଲେ । ପ୍ରଥମ ସାଙ୍ଗ କହିଲା, ଆରେ, ତୁ ଚାଇନା ଭାଷା ପଢ଼ି ପାରିବୁ ? ଦ୍ୱିତୀୟ ସାଙ୍ଗ କହିଲା, ଚାଇନା ଭାଷା ପଢ଼ିବାରେ ଅସୁବିଧା କ'ଣ ? କାହିଁକି, ତୁ ପଢ଼ି ପାରିବୁନି ? ପ୍ରଥମ ସାଙ୍ଗ ମନା କରିବା ପରେ ଦ୍ୱିତୀୟ ସାଙ୍ଗ କହିଲା, ଯଦି ତାକୁ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ଲେଖାଯାଏ, ତେବେ ପଢ଼ିବାରେ ଅସୁବିଧା କେଉଁଠି ରହିବ କହୁନୁ ।

## ଅମୃତଭଣ୍ଡାର ଉପକାରିତା

ଆମର ଦୈନନ୍ଦିନ ତରକାରିରେ ବ୍ୟବହାର କରୁଥିବା ପରିବା ମଧରେ ଅମୃତଭଣ୍ଡା ଅନ୍ୟତମ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଏହାର ପତ୍ରରେ ଜୀବନ ରକ୍ଷାକାରୀ ଔଷଧୀୟ ଗୁଣବତ୍ତା ଭରପୂର ହୋଇ ରହିଛି। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଅମୃତଭଣ୍ଡା ପତ୍ର ଓ ଫଳ ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ ବୋଲି ଉଲ୍ଲେଖ ରହିଛି। ଅମୃତଭଣ୍ଡା ପତ୍ରର ସ୍ୱରସରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି। ଏହାର ପତ୍ରରେ ଭିଟାମିନ୍–ଏ, ବି, ସି, ଡି, ଇ ପୋଷକତତ୍ତ୍ୱ, ଖଣିଜପଦାର୍ଥ ଓ କ୍ୟାଲସିୟମ ରହିଛି। ଅମୃତଭଣ୍ଡା ପତ୍ରର ସ୍ୱରସ ସେବନ କରିବାର ୨୪ ଘଣ୍ଟା ଭିତରେ, ଶରୀରରେ ଡବ୍ଲ୍ୟୁବିସି (ଶ୍ୱେତ ରକ୍ତକଣିକା) ଓ 'ପ୍ଲେଟଲେଟ'ର ମାତ୍ରା ତୁରନ୍ତ ବୃଦ୍ଧି ପାଇଥାଏ। ଏହି ସ୍ୱରସ ପ୍ରାୟତଃ ୩-୫ ଦିନ ସେବନ କରିବା ଦ୍ୱାରା ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ। ବୟସ୍କ ଓ ପିଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେ ଉଭୟେ ଅମୃତଭଣ୍ଡା ପତ୍ର ସ୍ୱରସକୁ ଔଷଧ ରୂପେ ସେବନ କରିପାରିବେ। ବର୍ତ୍ତମାନ ଅମୃତଭଣ୍ଡା ପତ୍ର ସ୍ୱରସରୁ ବଟିକା ପ୍ରସ୍ତୁତ କରାଯାଇ ଚରକ, ଡାବର, ହିମାଳୟ, ଆଦି ବିଭିନ୍ନ ଔଷଧ କମ୍ପାନୀଙ୍କ ଦ୍ୱାରା ବଜାରରେ ବିକ୍ରି ହେଲାଣି। ଅମୃତଭଣ୍ଡା ପତ୍ର ସ୍ୱରସ ସେବନ ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀକୁ ଉପଶମ କରିବା ସହ କର୍କଟ, ସ୍ତନ କର୍କଟ, ହୃଦ୍‌ରୋଗ, ମଧୁମେହ ରୋଗୀଙ୍କ ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଶରୀରରେ ଇନସୁଲିନ୍‌ର ମାତ୍ରାକୁ କେତେକାଂଶରେ ସନ୍ତୁଳିତ ରଖୁଥାଏ। ଥଣ୍ଡା କାଶରୁ ଏହା ଉପଶମ ଦେବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଏହାର ପତ୍ରକୁ ଶୁଖାଇ ଉଷୁମ ପାଣିରେ ବାଟି ପେଷ୍ଟ କରି ମୁହଁରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ।



ଅମୃତଭଣ୍ଡା ପତ୍ରର ସ୍ୱରସ ଟିକେ କଡ଼ା, କିନ୍ତୁ ଆମ ସ୍ୱାସ୍ଥ୍ୟ ପାଇଁ ଏହା ଅନେକାଂଶରେ ଉପକାରୀ। ଏହା ଶରୀରରେ ଓଜନ ହ୍ରାସ କରାଇଥାଏ। ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତି ପ୍ରତିଦିନ ଖାଲି ପେଟରେ ଅମୃତଭଣ୍ଡାକୁ ସିଝାଇ ସକାଳୁ ଖାଇପାରନ୍ତି।

ଅମୃତଭଣ୍ଡାରେ ଶରୀରରେ ହେଉଥିବା ମାରାତ୍ମକ ରୋଗକୁ ପ୍ରତିରୋଧ କରିବା କ୍ଷମତା ଏଥିରେ ରହିଛି। ପେଟରେ ସୃଷ୍ଟି ହେଉଥିବା ଅମ୍ଳକୁ ହ୍ରାସ କରାଇବା, ପେଟ ସଫା ରଖିବା, ହଜମ ପ୍ରକ୍ରିୟାକୁ କ୍ରିୟାଶୀଳ କରାଇବା ସହ ମଳକଣ୍ଟକ, ଅତ୍ୟଧିକ ରକ୍ତସ୍ରାବକୁ କମାଇବା, ନାରୀମାନଙ୍କ ମାସିକ ଋତୁସ୍ରାବ ଅନିୟମିତତାକୁ ନିୟମିତ କରିବା ସହ ଶରୀରରେ ପୀଡ଼ାକୁ ପ୍ରଶମିତ କରିଥାଏ। ଏହା ପେଟର ଯାବତୀୟ ରୋଗ ଉପଶମ କରିବା ସହ ତ୍ୱଚାକୁ ସତେଜ ରଖିଥାଏ। ଅମୃତଭଣ୍ଡାରେ ତନ୍ତୁଜାତୀୟ ପଦାର୍ଥ ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅମୃତଭଣ୍ଡାକୁ ବିଭିନ୍ନ ପ୍ରକାର ତରକାରି କରି ଖିଆଯାଇଥାଏ। ପାଚିଲା ଅମୃତଭଣ୍ଡା ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏଥିରେ ବହୁମାତ୍ରାରେ ଜୀବନୀ ଶକ୍ତି ରହିଛି। ଅମୃତଭଣ୍ଡାକୁ କଞ୍ଚା ଓ ପାଚିଲାରେ ବହୁ ମାତ୍ରାରେ ଖାଦ୍ୟ ଭାବେ ଖାଇବା ନିତାନ୍ତ ଜରୁରୀ। ଏପରି ସ୍ୱାସ୍ଥ୍ୟପଯୋଗୀ ଅମୃତଭଣ୍ଡାକୁ ଆମେ ନିଜ ନିଜର ବାଡ଼ିବଗିଚାରେ ଲଗାଇବା ଉଚିତ, ଯଦ୍ୱାରା ଆମେ କିଛି ମୁକ୍ତ ଅମ୍ଳଜାନ ପାଇବା ସହ ସହଜରେ ଏହି ଫଳ ପାଇପାରିବା।

## ହଜମକ୍ରିୟାକୁ ସକ୍ରିୟ କରେ ଖଜୁରୀ

**ଶ**ରୀର ପାଇଁ ଖଜୁରି ବେଶ୍ ଲାଭଦାୟକ। ଏଥିରେ ଫାଇବର, କ୍ୟାଲ୍ ସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ବ୍ୟତୀତ ଅନ୍ୟାନ୍ୟ ଧାତୁ ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଦ୍ୟ ରୂପେ ଖାଇଥାଉ। ଏହା ଭୋକକୁ ଜଲ୍‌ଦି କମାଇବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏଥିରେ ପ୍ରାକୃତିକ ମିଠା ଭରି ରହିଛି, ଯାହା ଉଭୟ ସ୍ନାୟୁ କୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଏ। ସାଧାରଣତଃ ଉପାସ କରିଥିବା ସମୟରେ ଖାଦ୍ୟ ନ ଖାଇବାରୁ ପେଟରେ



ଗ୍ୟାଷ୍ଟ୍ରିକ ସମସ୍ୟା ଦେଖା ଦେଇଥାଏ। ଏପରି ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେବା ଦେବା ସହ କୋଷ୍ଠକାଠିନ୍ୟ ହେବାରୁ ରକ୍ଷା କରିଥାଏ। ଶରୀରର ହାଡ଼ଗୁଡ଼ିକୁ ଶକ୍ତ କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାକୁ ନିୟମିତ ଖାଇଲେ ତାହା ଓଜନ କମାଇବାରେ ସହାୟକ ହୋଇଥାଏ।

## ଆପଣ ଜାଣନ୍ତି କି ?

- ପୃଥିବୀର ସବୁଠୁ ବଡ଼ ମନ୍ଦିର କାମ୍ବୋଡିଆରେ ଅବସ୍ଥିତ। ଏହାକୁ ଆଂକୋର ୱାଟ୍ କୁହାଯାଏ।
- କାମ୍ବୋଡିଆର ଜାତୀୟ ପତାକା ପୃଥିବୀରଅନ୍ୟ ସବୁ ଦେଶର ଜାତୀୟ ପକାତା ତୁଳନାରେ ସଂପୂର୍ଣ୍ଣ ଭିନ୍ନ। କାରଣ ଏଥିରେ ଆଂକୋର ୱାଟର ଚିତ୍ର ଦେଖିବାକୁ ମିଳିଥାଏ। ଅନ୍ୟ କୌଣସି ଦେଶର ପତାକାରେ ଧାର୍ମିକ ପୀଠର ଚିତ୍ର ଉଲ୍ଲେଖିନ ଥାଏ।



- କାମ୍ବୋଡିଆର ଅଧିକାଂଶ ଲୋକ ନିଜର ଜନ୍ମଦିନ ମନେ ରଖନ୍ତି ନାହିଁ। ତେଣୁ କାମ୍ବୋଡିଆରେ ଜନ୍ମଦିନ ପ୍ରାୟ ପାଳନ କରାଯାଏ ନାହିଁ।
- କାମ୍ବୋଡିଆରେ ଲୋକମାନେ ଟ୍ରାପିକ୍ ନିୟମ ମାନନ୍ତି ନାହିଁ।
- କାମ୍ବୋଡିଆର ଜନସଂଖ୍ୟାର ୫୦ ପ୍ରତିଶତଙ୍କ ବୟସ ୧୫ ବର୍ଷରୁ କମ୍।
- କାମ୍ବୋଡିଆର ନାଁ ଆଗରୁ କାମ୍ପୁଚିଆ ଏବଂ ତାହା ପୂର୍ବରୁ 'ଦ ଖେମର ରିପବ୍ଲିକ୍' ଥିଲା।
- କାମ୍ବୋଡିଆରେ କ୍ୟାମଡୋନାଲ୍ଡ ଏବେ ବି ପ୍ରବେଶ କରିପାରି ନାହିଁ। ତେଣୁ ଏହି ଦେଶରେ ମ୍ୟାକଡୋନାଲ୍ଡର ଗୋଟିଏ ବି ଆଉଟଲେଟ ଦେଖିବାକୁ ମିଳେ ନାହିଁ।
- କାମ୍ବୋଡିଆରେ ଲୋକେ ଜନ୍ମଦିନ ପାଳନ କରୁନଥିଲେ ମଧ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିଥାଆନ୍ତି।

## ସ୍ୱାସ୍ଥ୍ୟ ପକ୍ଷେ ଗୁଡ଼

**ଆ**ମେ ସଭିଏଁ ଜାଣିଛନ୍ତି ଯେ, ଆମେ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ କିନ୍ତୁ, ଗୁଡ଼ ମୋଟାପା କମ୍ କରି ସ୍ୱାସ୍ଥ୍ୟ ଠିକ୍ ରଖିଥାଏ। ବୈଜ୍ଞାନିକଙ୍କ ଅନୁଯାୟୀ, ଗୁଡ଼ର ପୋଷଣ ଗୁଣବତ୍ତାର ବିଶେଷ ମହତ୍ୱ ରହିଛି। ୧୦୦ ଗ୍ରାମ ଗୁଡ଼ରେ ପ୍ରାୟ ୧୦.୪ ଗ୍ରାମ ପ୍ରୋଟିନ୍, ୦.୧ ଗ୍ରାମ ଚର୍ବି, ୮୦ ମିଲି ଗ୍ରାମ୍ କ୍ୟାଲସିୟମ, ୪୦ ମିଲିଗ୍ରାମ୍ ଫସଫରସ, ୧୧.୪ ମିଲିଗ୍ରାମ



ଲୌହ, ୦.୬ ରୁ ୧ ଗ୍ରାମ ଖଣିଜ ପଦାର୍ଥ, ୧୬୮ ମିଲିଗ୍ରାମ ଭିଟାମିନ୍ ସି ଏବଂ ୩୮୩ କିଲୋ କ୍ୟାଲୋରୀ, ଶକ୍ତି ପ୍ରଦାନକାରୀ କାର୍ବୋହାଇଡ୍ରେଟ ରହିଥାଏ। ଚିନିରେ କାର୍ବୋହାଇଡ୍ରେଟ୍ ବ୍ୟତୀତ ଅନ୍ୟ ପୋଷକ ତତ୍ତ୍ୱ ଚିନି ପ୍ରସ୍ତୁତି ସମୟରେ ହଟାଇ ଦିଆଯାଏ। ଗୁଡ଼ ତିଆରି ସମୟରେ ରିଡ୍ୟୁସିଙ୍ଗ୍ ସୁଗାର ଏବଂ ଅନ୍ୟ ଖଣିଜର ମାତ୍ରା ବଢ଼ିଯାଏ, ଯେଉଁଥିରେ ଗୁଡ଼ ଅଧିକ ପୋଷକ ହୋଇଯାଏ। ତେଣୁ ଗାଁ ମାନଙ୍କରେ ଚିନି ପରିବର୍ତ୍ତେ ଗୁଡର ପ୍ରୟୋଗ ଅଧିକ ହୁଏ, ଏହାଦ୍ୱାରା ମଧୁମେହ ରୋଗ କମିଯାଏ।

ଚିନିରେ ସୁକ୍ରୋଜର ମାତ୍ରା ଅଧିକ ହେବା କାରଣରୁ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ, ଅନ୍ୟ ପକ୍ଷରେ ଗୁଡରେ ମହଜୁଦ କ୍ୟାଲସିୟମ, ମାଙ୍ଗାନିଜ୍ ଏବଂ ମାଗ୍ନେସିୟମ ପରି ତତ୍ତ୍ୱଗୁଡିକର ଉପସ୍ଥିତ ଔଷଧୀୟ ମହତ୍ତ୍ୱ ବଢ଼ାଇଥାଏ। ତେଣୁ ଗୁଡ଼ ଖାଇବା ସ୍ୱାସ୍ଥ୍ୟପ୍ରଦ। ଗୁଡ ଉତ୍ପାଦନ କ୍ଷେତ୍ରରେ ଅଷ୍ଟ୍ରେଲିଆ, କାନାଡା, ସଂଯୁକ୍ତ ଆରବ ଏମିରେଟ, ଘାନା, ହଙ୍ଗକଙ୍ଗ୍, ଜାପାନ, ଇଣ୍ଡୋନେସିଆ, ବ୍ରିଟେନ, ଆମେରିକା ଇତ୍ୟାଦି ଦେଶ ସାମିଲ ଅଛି। ଏହି ଦେଶଗୁଡିକ ଅପେକ୍ଷା ଭାରତର ଗୁଡ ଅଧିକ ଲୋକପ୍ରିୟ। ଗୁଡ ପ୍ରସ୍ତୁତ ବେଳେ ସଂକ୍ରମଣ ରହିତ କରିବା ନିମନ୍ତେ ଯଥେଷ୍ଟ ପ୍ରୟାସ କରାଯାଏ। ନୂତନ ପ୍ରାଦ୍ୟୋଗିକ ପ୍ରକ୍ରିୟାରେ ଉତ୍ପାଦନ କରିବା ଦ୍ୱାରା ଚିରା କପଡ଼ା, ମଇଲା ରହି ନ ଥାଏ ଜୀବାଣୁ ସଂକ୍ରମଣ ମଧ ହୁଏ ନାହିଁ ଏବଂ ଏହାର ମୂଲ୍ୟ ଅଧିକ। ବର୍ତ୍ତମାନ ତରଳଗୁଡ ମଧ ତିଆରି ହୋଇ ବିକ୍ରି ଚାଲିଛି। ଗୁଡ଼ ସମଘନାକୃତି ମଧ ତିଆରି ହେଉଛି।

## ସୁସ୍ଥ ମାନସିକତା ଓ ବ୍ରେକ୍‌ଫାଷ୍ଟ

**ବ୍ରେ**କ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି। ଏହା ଶରୀର ପାଇଁ ବେଶ୍ ଉପକାରୀ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ମାନସିକତାକୁ ସୁସ୍ଥ ରଖିବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ସବୁବେଳେ ଏହାର ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ସାମିଲ କରନ୍ତୁ। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ। ନାହିଁ, ଯେପରି ଆପଣଙ୍କ ମନକୁ ଦିନତମାମ ଭାରାକ୍ରାନ୍ତ କରି ରଖିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ବ୍ୟାୟାମ କରିବାର କିଛି ସମୟ ପରେ ବ୍ରେକ୍ ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ଏଥିରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ୍, ବିସ୍କୁଟ ବି ଖାଇପାରିବେ।

## କହିପାରିବେ କି ?

(୧) କୁକୁରର ଘ୍ରାଣ ଶକ୍ତି ମନୁଷ୍ୟଙ୍କ ଘ୍ରାଣ ଶକ୍ତି ଠାରୁ କେତେ ଗୁଣ ଅଧିକ ?
(୨) କେଉଁ ମାଛ ପଛୁଆ ମଧ ପହଁରି ପାରେ ?
(୩) ଗୋଟିଏ ପ୍ରାପ୍ତ ବୟସ୍କ ହାତୀ ଦିନକୁ କେତେ ଖାଦ୍ୟ ଓ କେତେ ପାଣି ପିଏ ?
(୪) କେଉଁ ମହାଦେଶରେ ପୃଥିବୀର ପ୍ରାୟ ଏକ ତୃତୀୟାଂଶ ଭାଷା ପ୍ରଚଳିତ ହୁଏ ?
(୫) ପୃଥିବୀର ସବୁଠାରୁ କ୍ଷୁଦ୍ର ବିଲ୍‌ଡିଂର ନାମ କ'ଣ ?
(୬) କାହାକୁ ରେନବୋ ନେସନ କୁହାଯାଏ ?
(୭) ପୃଥିବୀରେ ୯୦ ପ୍ରତିଶତ ଚାଉଳ କେଉଁ ମହାଦେଶରେ ଖିଆ ଯାଇଥାଏ ?
(୮) କେଉଁ ମାଛ କୁମ୍ଭୀର ଛୁଆକୁ ଖାଇ ଦେଇଥାଏ ?
(୯) ଅକ୍ଟୋପସ୍ ଏକାଥରକେ କେତେ ଛୁଆ ଜନ୍ମ ଦିଏ ?
(୧୦) କେଉଁ ପ୍ରାଣୀକୁ ଶିକାରୀ ଆକ୍ରମଣ କଲେ ତାର ପୁରା ପରିବାର ସୁରକ୍ଷା କରନ୍ତି ?

### JUMBLE WORDS

| | | | |
|---|---|---|---|
| 1) NUEGL | = | 6) CABIS | = |
| 2) NWEHI | = | 7) CEDDEA | = |
| 3) GUCTAH | = | 8) RUYTEK | = |
| 4) TAIGRU | = | 9) EYHAN | = |
| 5) RVPIE | = | 10) DRAGN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ। ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ହିମାଚଳପ୍ରଦେଶ, ୨. ମଣିପୁର, ୩. ଚାଲୁକ୍ୟ, ୪. ଉତ୍ତରପ୍ରଦେଶ, ୫. ଗୁଜୁରାଟ, ୬. ଆନ୍ଧ୍ରପ୍ରଦେଶ, ୭.ଆସାମ, ୮. ଜାହାଙ୍ଗୀର, ୯. ଆଜମେର୍, ୧୦.ସାର୍. ମହମ୍ମଦ ଇକବାଲ୍।

***Jumble Words*** ର ଉତ୍ତର :-

(1) WARMLY (2) DEBATE (3) LOTTO (4) PRONE (5) INVOKE
(6) PATCHY (7) BLOAT (8) RATIO (9) SLEEPY (10) MARKET

# ହୀରାକୁଦ ଜଳର ମାନକୁ ନେଇ ପ୍ରଶ୍ନବାଚୀ

ସମ୍ବଲପୁର : ରାଜ୍ୟର ୮ଟି ଆର୍ଦ୍ରଭୂମି ମଧରୁ ହୀରାକୁଦରେ ଜମା ହୋଇଥିବା ପଟୁ ପ୍ରତି ଗ୍ରାମ୍‌ରେ ସର୍ବାଧିକ ୫୧.୨୫ ମାଇକ୍ରୋଗ୍ରାମ ସୀସା ଏବଂ ୨୬୬ ମାଇକ୍ରୋଗ୍ରାମ କ୍ରୋମିୟମ ଧାତୁର ଉପସ୍ଥିତି ରହିଛି । ଓଡ଼ିଶାର ଜୀବନରେଖା ମହାନଦୀର ବିସ୍ତୀର୍ଣ୍ଣ ଭାଗ ହୀରାକୁଦ ବନ୍ଧର ଉପରମୁଣ୍ଡରେ ଏଭଳି ସ୍ଥିତି ହୀରାକୁଦ ଜଳର ମାନକୁ ନେଇ ଚିନ୍ତା ବଢାଇଛି । ଖାଦ୍ୟ ଶୃଙ୍ଖଳକୁ ଏହି ଭାରିଧାତୁ ପ୍ରଭାବିତ କରିବା ସହ କ୍ୟାନସର ସୃଷ୍ଟିର ପ୍ରମୁଖ କାରଣ ଭାବେ ଅଭିହିତ ହେଉଥିବାରୁ ହୀରାକୁଦ ଜଳର ମାନକୁ ନେଇ ପ୍ରଶ୍ନ ଉଠିଛି । ହୀରାକୁଦ ଜଳ ପାନୀୟ ଯୋଗ୍ୟ ନାଁ ନୁହେଁ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି । ସୀସା, କ୍ରୋମିୟମ, କାଡମିୟମ, କପର, ମର୍କ୍ୟୁରି, ନିକେଲ୍, ଦସ୍ତା, ମାଙ୍ଗାନିଜ, ଆର୍ସେନିକ ଆଦି ପ୍ରଦୂଷଣ କାରକ ଭାରିଧାତୁ ସାଧାରଣ ଭାବେ ଆର୍ଦ୍ରଭୂମିରେ ଜମା ହେବା କାରଣରୁ ତାହା ମାନବ ବ୍ୟବହାରରେ ଆସିବାରେ ଲାଗିଛି । କୃଷି କ୍ଷେତ୍ରରେ ଏହା ମୃତ୍ତିକା ଦେଇ ବିଭିନ୍ନ ଖାଦ୍ୟ ଶସ୍ୟରେ ପ୍ରବେଶ କରୁଥିବାରୁ ତାହା ମଣିଷ ବ୍ୟବହାର କରି ସ୍ୱାସ୍ଥ୍ୟଗତ ସଂକଟର ସମ୍ମୁଖୀନ ହେଉଛି । ଖାଦ୍ୟ ଶୃଙ୍ଖଳକୁ ପରୋକ୍ଷ ଭାବେ ପ୍ରବେଶ କରିବା ଦ୍ୱାରା ଏହାର ପ୍ରଭାବ ଉପରେ ଗବେଷଣା ଅବ୍ୟାହତ ରହିଛି । ଖାସ୍‌କରି ଓଡ଼ିଶାର ହୀରାକୁଦ ସମେତ ଆଠଟି ଆର୍ଦ୍ରଭୂମିରେ ଏହାର ଗବେଷଣା କରାଯାଉଛି । ହୀରାକୁଦ ଆର୍ଦ୍ରଭୂମିରେ ସୀସା ଏବଂ କ୍ରୋମିୟମର ସାନ୍ଦ୍ରତା ଅଧିକ ଥିବା ଜଣା ପଡ଼ିବା ପରେ ଏହା ସ୍ୱାସ୍ଥ୍ୟଗତ କାରଣରୁ ସ୍ଥାନୀୟ ଲୋକଙ୍କ ପାଇଁ ବିପଦଜ୍ଜନକ ସାବ୍ୟସ୍ତ ହୋଇଛି । ଯାହାକି ଏକ ଜର୍ଣ୍ଣାଲ୍‌ରେ ପ୍ରକାଶିତ ସାଇଣ୍ଟିଫିକ ରିପୋର୍ଟ ତଥା ସାଇନ୍ସ ମାଗାଜିନ 'ଡାଉନ ଟୁ ଆର୍ଥ'ରେ ପୂର୍ବରୁ ପ୍ରକାଶ ହୋଇ ସାରିଛି ।

ସର୍ବାଧିକ ଇକୋଲଜିକାଲ ରିସ୍କ ଇନଡେକ୍ସ (ଆରଆଇ) ହୀରାକୁଦରେ ଦେଖାଯାଇଛି । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଥିବା ହୀରାକୁଦ ଜଳଭଣ୍ଡାର ତଥା ମହାନଦୀ ଜଳର ମାନ ଏହି ଭାରିଧାତୁର ଉପସ୍ଥିତି ଯୋଗୁଁ ଗଭୀର ଭାବେ ପ୍ରଭାବିତ ହେଉଥିବା ନେଇ ରିପୋର୍ଟ ମାନ ପ୍ରକାଶ ପାଇବାରେ ଲାଗିଛି । ହେଲେ ହୀରାକୁଦକୁ ରାମସାର ସାଇଟ୍ ଭାବେ ଘୋଷଣା ସହ ଏହି ଆର୍ଦ୍ରଭୂମିରେ ଜୈବ ବିବିଧତାର ସଂରକ୍ଷଣ ଲାଗି ଗୋଟିଏ ପଟେ ଚିନ୍ତା କରାଯାଉଥିବା ବେଳେ ଅନ୍ୟପଟେ ଏଭଳି ଭାରିଧାତୁ ଜନିତ ପ୍ରଦୂଷଣ ଭୟାବହ ସ୍ଥିତି ଆଡ଼କୁ ଗତି କରୁଛି ।

ଉପରମୁଣ୍ଡରେ ଛତିଶଗଡ଼ରେ ବ୍ୟାପକ ଖଣି ଖନନ ସାଂଗକୁ ଦ୍ରୁତ ଶିଳ୍ପାୟନ ଏବଂ ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ଶିଳ୍ପ ଏବଂ ଖଣି ଜନିତ ପ୍ରଦୂଷଣର ପ୍ରଭାବ ଯୋଗୁଁ ଆଜି ହୀରାକୁଦ ଜଳଭଣ୍ଡାର ବିଷମୟ ହେବାକୁ ଯାଉଛି । ଯାହା ଫଳରେ ଏହି ବନ୍ଧର ସ୍ଥାୟୀତ୍ୱ ଯାହା ଶହେ ବର୍ଷ ବୋଲି ଧରା ଯାଉଥିଲା ତାହା ମଧ ସନ୍ଦେହ ଘେରକୁ ଆସିଛି । ହୀରାକୁଦ ବନ୍ଧରେ ଫାଟ ପଛରେ ଜଳଭଣ୍ଡାର ଦେଇ ବନ୍ଧକୁ ସ୍ପର୍ଶ କରୁଥିବା ଏହି ଭାରିଧାତୁ ପ୍ରଦୂଷଣକୁ ଦାୟୀ କରାଯାଉଛି । ପ୍ରଦୂଷଣ ରୋକିବାକୁ ରାଜ୍ୟରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଉଛି । ବିଭିନ୍ନ ସମୟରେ କଳକାରଖାନା ଗୁଡିକର ବର୍ଜ୍ୟବସ୍ତୁ ସିଧାସଳଖ ବିଭିନ୍ନ ନଦୀ ଦେଇ ହୀରାକୁଦ ଜଳଭଣ୍ଡାରରେ ପଡୁଥିବା ବାରମ୍ବାର ଅଭିଯୋଗ ହେଉଥିଲେ



ମଧ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଥିପ୍ରତି ଦୃଷ୍ଟି ଦେଇ କୌଣସି କଡା କାର୍ଯ୍ୟାନୁଷ୍ଠାନ କଳକାରଖାନା ମାନଙ୍କ ବିରୁଦ୍ଧରେ ନେଇ ନାହିଁ । ପ୍ରଦୂଷଣ ବୋର୍ଡ ବସ୍ତୁତଃ ଦନ୍ତହୀନ ହୋଇ ହୀରାକୁଦ ଜଳଭଣ୍ଡାରର ପ୍ରଦୂଷଣର ମୁକସାକ୍ଷୀ ହୋଇଛି । ଏ ବାବଦରେ ଝାରସୁଗୁଡ଼ା ପରିବେଶ ସୁରକ୍ଷା ସଂଘ ପକ୍ଷରୁ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେବେ ସଂଘ ପକ୍ଷରୁ ରାଜ୍ୟ ସଭା ପିଟିସନ୍ କମିଟି ନିକଟରେ ଏ ବାବଦରେ ଅଭିଯୋଗ କରାଯିବା ପରେ ରାଜ୍ୟ ସଭା ପକ୍ଷରୁ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ହୀରାକୁଦ ଜଳଭଣ୍ଡାର ଉପରେ ହଜାର ହଜାର ମତ୍ସ୍ୟଜୀବୀ ପରିବାର ସେମାନଙ୍କର ଜୀବିକା ଲାଗି ନିର୍ଭର କରୁଥିବା ବେଳେ ଏହି ଜଳଭଣ୍ଡାର ଜଳକୁ ସେଚାଞ୍ଚଳରେ ଜମିରେ ମଡ଼ା ଯାଉଛି । ଜଳଭଣ୍ଡାରରେ ପଡୁଥିବା ପଟୁରେ ଭାରିଧାତୁର ଉପସ୍ଥିତି ସହ ଅନୁମୋଦନୀୟ ଅବା ପାରମିସିବଲ ଲିମିଟ୍‌ରୁ ଅଧିକ ରହିବା ସଂକଟମୟ ପରିସ୍ଥିତିକୁ ଜନ୍ମ ଦେଇଛି । ଜଳଭଣ୍ଡାରରୁ ମାଛ ସାଂଗକୁ ଜଳଭଣ୍ଡାର ଜଳ ମାଡୁଥିବା ଶସ୍ୟକ୍ଷେତ୍ରରୁ ଉତ୍ପାଦିତ ଧାନରୁ ଚାଉଳ, ପନିପରିବା, ଶାଗ ଆଦି ଲୋକେ ସିଧାସଳଖ ଖାଦ୍ୟ ଭାବେ ଗ୍ରହଣ କରୁଥିବାରୁ ଏହାର ସ୍ୱାସ୍ଥ୍ୟ ଉପରେ ଗଭୀର କୁପ୍ରଭାବ ପଡ଼ିବାରେ ଲାଗିଛି । ଆଠଟି ଆର୍ଦ୍ରଭୂମିରୁ ୧୪୪ଟି ସ୍ଥାନରୁ ନମୁନା ସଂଗ୍ରହ ପରେ ଗବେଷକ ମାନେ ରିପୋର୍ଟ ସାର୍ବଜନୀନ କରିଛନ୍ତି । ଦ୍ରୁତ ଶିଳ୍ପାୟନ ଏବଂ ଖଣି ଖନନ ପ୍ରକ୍ରିୟାରେ ନିର୍ଗତ ବର୍ଜ୍ୟକୁ ସିଧାସଳଖ ଜଳଉତ୍ସକୁ ଛାଡ଼ି ଦେବା ଦ୍ୱାରା ତାହା ଶାଖାନଦୀ ନାଳ ଗୁଡ଼ିକ ମାଧମରେ ମହାନଦୀ ତଥା ହୀରାକୁଦ ନଦୀବନ୍ଧରେ ପ୍ରବେଶ କରୁଛି । ଯାହାଦ୍ୱାରା ଜଳଭଣ୍ଡାର ପଟୁରେ ପ୍ରଦୂଷଣ ସୃଷ୍ଟିକାରୀ ଭାରିଧାତୁରେ ପ୍ରଦୂଷିତ ହୋଇ 'କାର୍ସିନୋଜେନିକ ଇଫେକ୍ଟସ୍' ବା କ୍ୟାନସର ରୋଗ ସୃଷ୍ଟିର କାରଣ ହେଉଛି । ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ବରଗଡ଼ ଭଳି ଜିଲ୍ଲାରେ ହୀରାକୁଦ ଜଳର ପାନୀୟ ରୂପେ ବ୍ୟବହାର ହେଉଥିବାରୁ ଏହା ଆଗକୁ କ୍ୟାନସର ଏବଂ ଅନ୍ୟାନ୍ୟ ରୋଗବ୍ୟାଧି ସଂକ୍ରମଣ ଜନିତ ଭୟାବହ ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ହେଲାଣି ।

## ଜିଲ୍ଲା ସ୍କୁଲରେ ଶତାୟୁ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ଶତାୟୁ ଶିକ୍ଷକ ସଦାନନ୍ଦ ମିଶ୍ର (୧୦୧)ଙ୍କ ଗତ ୩ ତାରିଖ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଅବସରପ୍ରାପ୍ତ ବୟୋଜ୍ୟେଷ୍ଠ ଶିକ୍ଷକ ରଘୁନାଥ ପୂଜାରୀଙ୍କ ସଭାପତିତ୍ୱରେ ଜିଲ୍ଲା ସ୍କୁଲରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଜିଲ୍ଲାସ୍କୁଲ ପ୍ରଧାନ ଶିକ୍ଷକ ଲୋକିତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ରାଧାଚରଣ ମେହେର, ଦୋଳଗୋବିନ୍ଦ ସାହୁ, ହୃଷିକେଶ ବଡ଼ାଇ, ଭଗୀରଥୀ ପ୍ରଧାନ, ବିହାରୀଲାଲ ମହାନ୍ତି, ପ୍ରହଲ୍ଲାଦ ସାହୁ, ଶ୍ୟାମାପ୍ରସାଦ ପଣ୍ଡା, ଅଚ୍ୟୁତାନନ୍ଦ ପଟେଲ, ସାହେବ ଖମାରୀ, ପ୍ରଦ୍ୟୋତ ମିଶ୍ର, ଦିଲୀପ ପ୍ରଧାନ, ପ୍ରଶାନ୍ତ ଦାଶ, ଲଳିତ ମୋହନ ବେହେରା, ଶଶାଙ୍କ ପୁରୋହିତ, ସନ୍ତୋଷ ଦାଶ, ରାମାନୁଜ ପଣ୍ଡା, ରତ୍ନଭୂଷଣ ପୁରୁଷୋତ୍ତମ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଫୁଲ୍ଲ ହୋତା ପ୍ରମୁଖ ବହୁସଂଖ୍ୟକ ଶିକ୍ଷକ ଓ ପୁରାତନ ଛାତ୍ର ଯୋଗ ଦେଇଥିଲେ ।

## ଗ୍ରାମ ବିକାଶରେ ଦେଶ ବିକାଶ ସମ୍ଭବ

ସମ୍ବଲପୁର: ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ର ପକ୍ଷରୁ ଭାରତ କୃଷି ଦର୍ଶନ ଏବଂ ସମ୍ପୂର୍ଣ୍ଣ ଗ୍ରାମ ବିକାଶ ଶୀର୍ଷକ ଆଧାତ୍ମିକ ସମାବେଶ ଶାସନ ନିକଟସ୍ଥ ପାବନ ସରୋବର




ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଉପକ୍ଷେତ୍ର ରଜାଯୋଗିନୀ ବ୍ରହ୍ମା କୁମାରୀ ପାର୍ବତୀ ସଭାପତିତ୍ୱ କରିଥିଲେ । ରାଜସ୍ଥାନ 'ମାଉଣ୍ଟ ଆବୁ କୃଷି ଏବଂ ଗ୍ରାମ ବିକାଶ ବିଭାଗ ଉପାଧକ୍ଷ ରାଜଯୋଗୀ ବ୍ରହ୍ମାକୁମାର ରାଜୁ ମୁଖ୍ୟବକ୍ତା, ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଚିପିଲିମାସ୍ଥିତ ବୈଷୟିକ କୃଷି ବିଶ୍ୱବିଦ୍ୟାଳୟ ଡିନ କୈଳାସ ଚନ୍ଦ୍ର ସାମଲ ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ସମ୍ମାନୀତ ଅତିଥି ଥିଲେ ।

ଭାରତ ଏକ କୃଷି ପ୍ରଧାନ ଦେଶ । ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । କୃଷକମାନେ ଅକ୍ଲାନ୍ତ ପରିଶ୍ରମ କରି ଖାଦ୍ୟ ଶସ୍ୟ ଉତ୍ପାଦନ କରିଥାନ୍ତି । ତେବେ ରାସାୟନିକ ସାର ଓ କୀଟନାଶକ ବିଷ ବ୍ୟବହାର କରିବା ଅନୁଚିତ । ଶୁଦ୍ଧ ପ୍ରକମ୍ପନ ଦେଇ ଜୈବିକ ସାର ବ୍ୟବହାର କରି ଚାଷ କରାଯାଇପାରିବ । ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରି ଖାଦ୍ୟ କେବଳ ବିଷାକ୍ତ ହେଉନି, ବରଂ ମାଟିର ସ୍ୱାସ୍ଥ୍ୟ ମଧ ଖରାପ ହେଉଛି । ଏହା ଠିକ୍ ଭାବେ କୃଷକମାନଙ୍କୁ ବୁଝାଇବା ଆବଶ୍ୟତା ରହିଛି । ୧୪୦ କୋଟି ଲୋକଙ୍କୁ କୃଷକ ଖାଦ୍ୟ ଯୋଗାଉଛନ୍ତି । ସେଥିପାଇଁ ସକାରାତ୍ମକ ଚିନ୍ତନ ତଥା ଜୈବିକ ଓ ଯୌଗିକ ଚାଷ କରିବାର ପ୍ରକୃଷ୍ଟ ସମୟ ଆସିଛି । ସଂପ୍ରତି ଭଗବାନଙ୍କ ଧାନରେ ରହି ଜୈବିକ ଖତ ସାର ବ୍ୟବହାର କରି ଆମେ ଫସଲ ଅମଳ କରୁଅଛୁ । ଏଥିରୁ ପ୍ରସ୍ତୁତ ଖାଦ୍ୟ ମନ ଉପରେ ସୁପ୍ରଭାବ ପକାଏ । ତେଣୁ ସମସ୍ତେ ଜୈବିକ ପ୍ରତି ଆକୃଷ୍ଟ ହେବା ଉଚିତ । ଅପରପକ୍ଷେ ଗ୍ରାମ ବିକାଶ ନ ହେଲେ ଦେଶ ବିକାଶ ହୋଇ ପାରିବ ନାହିଁ । କୃଷକ ହିଁ ଗ୍ରାମ ବିକାଶର ମୂଳ ଉତ୍ସ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରଗଡର ଚାଷୀ ବି.କେ ଶ୍ୟାମଘନ ଏବଂ ଅତାବିରାର ଚାଷୀ ମୂରଲୀ କୃଷ୍ଣଙ୍କୁ ସଫଳ ଚାଷୀ ଭାବେ ସମ୍ମାନିତ କରଯାଇଥିଲା । ବ୍ରହ୍ମା କୁମାରୀ ଦୀପା ସ୍ୱାଗତ ସଙ୍ଗୀତ ଗାନ, ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ । ବ୍ରହ୍ମା କୁମାରୀ ବିନି ଅତିଥି ସ୍ୱାଗତ ଏବଂ ବି.କେ. ହଳଧର ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ । ବି.କେ. ଜ୍ୟୋତି ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ । ବି.କେ.ମୌସୁମୀ କୃଷି ସହିତ ଆଧାତ୍ମିକତାର ସମ୍ବନ୍ଧ ବିଷୟରେ ବୁଝାଇଥିଲେ । ଜେଭିଏମ ଏବଂ ସୁଜାତା କ୍ରିଏସନ ଦଳର ପ୍ରଶିକ୍ଷାର୍ଥୀମାନେ ନୃତ୍ୟ ପରିବେଷଣ କରିଥିଲେ । ବିକେ କ୍ରିଷ୍ଣା, ବିକେ ମନୋଜ, ବିକେ. ହିମାଂଶୁ, ବିକେ କୁମରମଣୀ ଓ ବି କେ କମ୍ପ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୫ଶହ କୃଷକ ଯୋଗ ଦେଇଥିଲେ ।

## ହୀରାଖଣ୍ଡ ନାଗରିକ ପରିଷଦ ପ୍ରତିଷ୍ଠା ଦିବସ



ସମ୍ବଲପୁର: ହୀରାଖଣ୍ଡ ନାଗରିକ ପରିଷଦର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଅନୁଷ୍ଠାନ ସଭାପତି ପ୍ରଫୁଲ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଓ ପ୍ରଫେସର ଟହଲୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ନିର୍ମଳ କୁମାର ମାଇତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଫେସର ନନ୍ଦ କିଶୋର ଦେବତା ଏବଂ ଶାନ୍ତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁଗ୍ମ ସମ୍ପାଦକ ଧନେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶାନ୍ତ କୁମାର ପାଙ୍ଗଯୋଷୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନେ ବିଭିନ୍ନ ଲେଖକଙ୍କ ପୁସ୍ତକ ଉନ୍ମୋଚନ କରିଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ବିଭିନ୍ନ କ୍ଷେତ୍ରରେ ଭଲ କାମ ପାଇଁ ଏମସିଏଲ ପୁରସ୍କୃତ



ବୁର୍ଲା : ଏମସିଏଲ୍ ଅନେକ କ୍ଷେତ୍ରରେ ଭଲ କାମ କରିବା ପାଇଁ ପୁରସ୍କୃତ ହୋଇଛି । କୋଲକତା ଠାରେ ନିକଟରେ କୋଲଇଣ୍ଡିଆର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ କିଷନ ରେଡ୍ଡୀ ଗଙ୍ଗାପୁରମଙ୍କ ଠାରୁ ଏମସିଏଲ୍‌ର ସି.ଏମ୍.ଡି ଶ୍ରୀ ଉଦୟ ଅନନ୍ତ କାଓଲେ ଏହି ପୁରସ୍କାର ଗୁଡିକ ଗ୍ରହଣ କରିଛନ୍ତି । ପରିବେଶ ପରିଚାଳନା ସି.ଏସ୍.ଆର ପାଣ୍ଠିର ଖର୍ଚ୍ଚ ଓ ୱେ-ବ୍ରିଜ୍ ଅଟୋମେଶନରେ ଏମସିଏଲ୍ ପ୍ରଥମ କର୍ପୋରେଟ୍ ପୁରସ୍କାର ଓ ଉତ୍କୃଷ୍ଟ ସବସିଡିଆରି ହିସାବରେ ଷ୍ଟାର ରେଟିଂରେ ଦ୍ୱିତୀୟ ପୁରସ୍କାର ପାଇଛି । ଏହାଛଡ଼ା ଖେଳାଳୀ ଭାବରେ କମଳିନୀ ନାୟକ, ସର୍ବୋତ୍କୃଷ୍ଟ ବିଭାଗୀୟ ମହାପ୍ରବନ୍ଧକ ଭାବେ ଲିଙ୍ଗରାଜ ଏରିଆର ଜି.ଏମ୍ ସୁବ୍ରତ ବିଶ୍ୱାଳ, ସର୍ବୋତ୍କୃଷ୍ଟ ବିଭାଗୀୟ ମୁଖ୍ୟ ଭାବେ ଜି.ଏମ୍. (ଏଲ.ଏଣ୍ଡ.ଆର) ଶ୍ରୀ ପ୍ରଦୀପ କୁମାର ମିଶ୍ର ଏବଂ ବ୍ୟକ୍ତିଗତ ଉତ୍କର୍ଷରେ କାର୍ମିକ ମହା ପ୍ରବନ୍ଧକ ଆର.ଏଲ୍ ଖଟିକ୍ ବ୍ୟକ୍ତିଗତ ପୁରସ୍କାର ପାଇଛନ୍ତି । ବିତ୍ତ ନିର୍ଦ୍ଦେଶକ ଶ୍ରୀ ଏ.କେ. ବେହୁରା ଏବଂ ସମ୍ପୃକ୍ତ ବିଭାଗର ବିଭାଗୀୟ ମୁଖ୍ୟମାନେ ସି.ଏମ୍.ଡି ଶ୍ରୀ କାଓଲେଙ୍କ ସହ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

## ଏମ୍‌ସିଏଲ୍‌ର ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ







ବୁର୍ଲା : ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ପାଳିତ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ କମ୍ପାନୀର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ମୁଖ୍ୟ ଅତିଥି ଏବଂ ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦେଇଥିଲେ । ଅତିଥିମାନେ ଭିଜିଲାନ୍ସ ନିରାକରଣ ଅଭିଯାନ ଅଧିନରେ ପ୍ରକାଶିତ ଭିଜିଲାନ୍ସ ବୁଲେଟିନ୍ ମଧ ଉନ୍ମୋଚନ କରିଥିଲେ । ସତର୍କତା ସଚେତନେତା ସପ୍ତାହରେ ଏମସିଏଲ ବିଜର ମିଟ୍, ସାଇକେଲ ର୍‍ୟାଲି ଏବଂ ଜାତିର ସମୃଦ୍ଧତା ପାଇଁ ଅଖଣ୍ଡତାର ସଂସ୍କୃତି ବିଷୟ ବସ୍ତୁ ଉପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।




## ସମ୍ବଲପୁରରେ ଆସନ୍ତା ଏପ୍ରିଲରୁ ବନ୍ଦ ହେବ ଚା' ପେପର୍ କପ୍



ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆସନ୍ତା ବର୍ଷ ଏପ୍ରିଲ ୧ ତାରିଖରୁ ଚା' ବିକ୍ରି ହେଉଥିବା କାଗଜ କପ୍‌କୁ ବନ୍ଦ କରାଯିବ ବୋଲି କମିଶନର ବେଦଭୂଷଣ କହିଛନ୍ତି ।

ସେ କହିଛନ୍ତି ଯେ, ସମ୍ବଲପୁର ସହରକୁ ସ୍ୱଚ୍ଛ ରଖିବା ପାଇଁ ଏସଏମସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ଥିବା ବଡ଼ବଡ଼ ଡଷ୍ଟବିନ୍ ହଟାଯାଇଛି । ବିଭିନ୍ନ ମଲ ଆଉ କେତେ ଜାଗାରେ ରଖାଯାଇଥିବା ଡଷ୍ଟବିନ୍‌ରେ ଲୋକମାନେ ଅଳିଆ ନ ପକାଇ ବାହାରେ ପକାଉଥିବାରୁ ସେ ଅଞ୍ଚଳ ପ୍ରଦୂଷିତ ହେଉଥିଲା । ବଜାର ଅଞ୍ଚଳରେ ଏଥର ସକାଳ ଓ ସନ୍ଧ୍ୟାରେ ଅଳିଆ ଉଠାଇବା ପାଇଁ ଗାଡି ବୁଲିବ । ଛୋଟ ଡଷ୍ଟବିନ୍‌ରେ ଲୋକେ ଅଳିଆ ଜମାକରି ଅଳିଆ ବୋଝେଇ ଗାଡିରେ ପକାଇବେ । ଛୋଟ ଦୋକାନୀ ହେଉ କି ବଡ଼ ବ୍ୟବସାୟୀ ଓ ଘରେ ମଧ ସମସ୍ତେ ଦୁଇଟି ଡଷ୍ଟବିନ୍ ବ୍ୟବହାର କରିବାକୁ ବାଧ ହେବେ । ନିଳ ରଙ୍ଗରେ ସୁଖା ଓ ସବୁଜ ରଙ୍ଗରେ ଡଷ୍ଟବିନ୍‌ରେ ଓଦା ଅଳିଆ ପକାଇବେ । ଘର କିମ୍ବା ଦୋକାନର ୫ ମିଟର ଦୂରରେ ଚର୍ତୁଃ ପାର୍ଶ୍ୱକୁ ସଫା ରଖିବାକୁ ହେବ । ଏଥିରେ ଖିଲାପ କଲେ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ଶ୍ରୀ ବେଦଭୂଷଣ କହିଥିଲେ । ସେ କହିଥିଲେ ଯେ, ଏସ.ଏମ୍.ସି ପକ୍ଷରୁ ଅଳିଆ ନ ପକାଇବା ପାଇଁ ଲୋକମାନଙ୍କୁ ସଚେତନ କରାଯିବ । ସଫେଇ ଏନଫୋର୍ସମେଣ୍ଟ ଟିମ୍ ମାଧମରେ ସମସ୍ତ କାର୍ଯ୍ୟ ତଦାରଖ କରିବେ । ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ଶ୍ରୀ ବେଦଭୂଷଣ କହିଛନ୍ତି ଯେ, ରାସ୍ତାରେ ବେଆଇନ ପାର୍କିଂ ତୁରନ୍ତ ହଟିବ । ଡ୍ରେନ ଉପରେ ଦୋକାନବଜାର ଉଚ୍ଛେଦ ହେବ । ପାର୍କିଂ ପ୍ଲେସ୍‌କୁ ଅନ୍ୟ କାମରେ ବ୍ୟବହାର କଲେ ବ୍ୟବସାୟ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପରେ ନୋଟିସ୍ ହେବ । ଦରକାର ପଡ଼ିଲେ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯିବ ।

ଏହାସହ ସହରର ଅଇଁଠାପାଲି, ଗୋଲବଜାର, ଲକ୍ଷ୍ମୀଟକିଜ, କ୍ଷେତରାଜପୁର ସମେତ ଅନ୍ୟ ସ୍ଥାନରେ ଥିବା ସମସ୍ତ ଜବରଦଖଲ ଉଚ୍ଛେଦ ହେବ । ଏଥିପାଇଁ ସ୍ପେସାଲ୍ ଡ୍ରାଇଭ୍ ଆରମ୍ଭ ହୋଇଛି । ଉଚ୍ଛେଦ ପାଇଁ ପ୍ରବର୍ତ୍ତନ ବିଭାଗକୁ ସହଯୋଗ କରିବାକୁ ପୂର୍ବତନ ସେନା କର୍ମଚାରୀଙ୍କୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ନେଇ ଗଠନ ହୋଇଛି । ଏମାନଙ୍କ ଉପସ୍ଥିତିରେ ସହରର ସମସ୍ତ ଉଚ୍ଛେଦ କରାଯିବ । ବିଶେଷ ଭାବେ ରାସ୍ତା ଉପରେ ପାର୍କିଂ କରୁଥିବା ବଡ ବ୍ୟବସାୟୀକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରାଯିବ । ଡ୍ରେନ୍ ଉପରେ ହୋଇଥିବା ନିର୍ମାଣ କିମ୍ବା ଦୋକାନ ଘରକୁ ଖାଲି କରାଯିବ । କ୍ଷେତରାଜପୁରରୁ ଧନୁପାଲି, ଅଇଁଠାପାଲିରୁ ନେଲସନ ମାଣ୍ଡେଲା ଛକ ପର୍ଯ୍ୟନ୍ତ ଆଗ୍ରାଧିକାର ଭିତ୍ତିରେ ଉଚ୍ଛେଦ କରାଯିବ । ଏହାସହ ଦୀର୍ଘ ଦିନ ଧରି ରାସ୍ତା କଡରେ ପାର୍କିଂ କରୁଥିବା ୪ ଚକିଆ ଗାଡ଼ି ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବେଦଭୂଷଣ କହିଛନ୍ତି ।

## ବିଜେପିରେ ମିଶିଲେ ସରପଞ୍ଚ ଓ ସମିତି ସଭ୍ୟ



ସମ୍ବଲପୁର : ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ ଜଣ ସରପଞ୍ଚ, ୩ ଜଣ ନାଏବ ସରପଞ୍ଚ, ୨ ଜଣ ସମିତିସଭ୍ୟ ଓ ଜଣେ ବ୍ଳକ ସଭାପତି ବିଜେପିରେ ସାମିଲ ହୋଇଛନ୍ତି । ଏହି ଅବସରରେ କଚେରୀ ରୋଡ଼ରେ ଥିବା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କଂସର ସରପଞ୍ଚ ଦିବାକର ବେହେରା, ଗଡ଼ଲୋଇସିଂ ସରପଞ୍ଚ ଖୁଲଣା ବେହେରା, କୟାକୁଦ ସରପଞ୍ଚ ଜେମାମଣି ପ୍ରଧାନ, ବଲମ ସରପଞ୍ଚ ଅନୁପମା ଗଡ଼ିଆ, ସରାପାଲି ସରପଞ୍ଚ ଶିବାନୀ ବାରିକ, ଜାମଜୁରୀ ସରପଞ୍ଚ ରୀନାରାଣୀ ବିଶି, ଧମା ସରପଞ୍ଚ ଲଳିତା ପ୍ରଧାନ, ଘେନୁପାଲି ସରପଞ୍ଚ ଜଗତା ମିର୍ଦ୍ଧା, ନୂଆଁବରଙ୍ଗାମାଲ ସରପଞ୍ଚ ସେବିକା ସାହୁ, ଘୁସୁରାମାଲ ସରପଞ୍ଚ ପ୍ରେମଶିଳା ପ୍ରଧାନ ଓ ସିମଲିପାଲ ସରପଞ୍ଚ ସସ୍ମିତା ପ୍ରଧାନ, ସରାପାଲିର ନାଏବସରପଞ୍ଚ ମଦନ ମୋହନ ସାହୁ, ଜାମଜୁରୀର ବିଶିକେଶନ ସାହୁ ଓ ସରାପାଲିର ସୋନୁ କିଷାନ, ସରାପାଲି ସମିତିସଭ୍ୟା ନିରୂପମା ନାୟକ ଓ ଗୋଗୁଆର ଅମୂଲ୍ୟ ପ୍ରଧାନଙ୍କ ସହ ବିଦ୍ୟାଧର ସାହୁ ଆଜି ବିଜେପିରେ ସାମିଲ ହୋଇଛନ୍ତି । ଏହି ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ ଓ ସୁବାଷ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ପଡିଆବାହାଲ ନୂତନ ଡାକ୍ତରଖାନା କୋଠା ଲୋକାର୍ପିତ



ସମ୍ବଲପୁର: ଯୁଯୋମୁରା ବ୍ଲକ ଅନ୍ତର୍ଗତ ବାହାମ ପଞ୍ଚାୟତ ପଡ଼ିଆବାହାଲ ପ୍ରାଥମିକ ଆରୋଗ୍ୟକେନ୍ଦ୍ରର ନୂତନ କୋଠାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଲୋକାର୍ପଣ କରିଛନ୍ତି । ଅଳ୍ପଦିନ ମଧରେ ଏଠାରେ ୨୪ ଘଣ୍ଟିଆ ଚିକିତ୍ସା ସୁବିଧା ଉପଲବ୍ଧ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଲୋକାର୍ପଣ ସଭାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧକ୍ଷତା କରିଥିଲେ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ତରାଞ୍ଚଳ ପୋଲିସ୍ ଆଇ.ଜି ହିମାଂଶୁ ଲାଲ, ଏସ୍.ପି ମୁକେଶ ଭାମୁ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଏଡିଏମଓ ଡାକ୍ତର ଭରତ ଦାଶ, ଯୁଯୋମୁରା ବିଡ଼ିଓ ବିଜୟ ସାଏ, ପ୍ରଫୁଲ୍ଲ ପଣ୍ଡା, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ବିଜେପିନେତା ଗୋବିନ୍ଦ ଅଗ୍ରୱାଲ, ସୁସ୍ମିତା ଦେହୁରୀ, ଜୟନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସିଡିଏମ୍‌ଓ ଡାକ୍ତର ସୁଜାତାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

## କ୍ଷେତରାଜପୁର ଜଗନ୍ନାଥ ମନ୍ଦିରରେ ଭୋଗଘର ଓ କାର୍ଯ୍ୟାଳୟ ଉଦ୍‌ଘାଟିତ



ସମ୍ବଲପୁର: କ୍ଷେତରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମିତ ନୂତନ ଭୋଗ ଘର ଓ କାର୍ଯ୍ୟାଳୟ କୋଠା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଦାଦି ପରିବାରର ଅନ୍ୟତମ ସଦସ୍ୟ ଅମୀତ ଅଗ୍ରୱାଲଙ୍କ ଜନ୍ମଦିନ ଅବସରରେ ଅତିଥିମାନେ କେକ୍ କାଟି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲ୍, ଟ୍ରଷ୍ଟ ସଦସ୍ୟ ରବୀନ୍ଦ୍ର ଶର୍ମା, ଅଶୋକ ଅଗ୍ରୱାଲ, ଶମ୍ଭୁ ବରେଇଲିଆ, ମଙ୍ଗତୁରାମ ଅଗ୍ରୱାଲ, ଦାଦି ପରିବାରର ଶ୍ରୀମତୀ କୁସୁମ ଅଗ୍ରୱାଲ, ସୁଷମା ଅଗ୍ରୱାଲ, ସଙ୍ଗୀତା ବାଙ୍କା, ସରିତା କ୍ଷେତାନ, ମୋହିନୀ ତୁଳସ୍ୟାନ, ଅଞ୍ଜୁ ଖୁସବୁ, ରେଖା ବାବି, ରୁତୁ ପାର୍ବତୀ, ମଧୁ ଖୁସବୁ ଓ ସଞ୍ଜୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷକ ରଘୁନାଥ ପୂଜାରୀ ୮୯ ବର୍ଷରେ ପଦାର୍ପଣ କଲେ

ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପୂଜାରୀ ଇତି ମଧରେ ୮୮ ବର୍ଷ ପୂରଣ କରି ୮୯ ବର୍ଷରେ ପଦାର୍ପଣ କରିଛନ୍ତି । ଏହି ଅବସରରେ ଗତ ୪ ତାରିଖ ଦିନ ତାଙ୍କୁ ବହୁ ଶୁଭେଚ୍ଛୁ ଓ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇ ଦୀର୍ଘ ଜୀବନ କାମନା କରିଥିଲେ । ଶ୍ରୀ ପୂଜାରୀ ସମ୍ବଲପୁର ଜିଲ୍ଲା ଅଷ୍ଟଶମ୍ଭୁ ମନ୍ଦିର ଦର୍ଶନ କରି ଭଗବାନଙ୍କ ଆଶିର୍ବାଦ କାମନା କରିଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra